# ଅଧ୍ୟାୟ ୨୦

## ପାଠର ନାମ—ମୁଦ୍ରାସ୍ଫୀତି

**ଗଠନକ୍ରମ**


୨୦.୦ ଉଦ୍ଦେଶ୍ୟ

୨୦.୧ ଉପକ୍ରମଣିକା

୨୦.୨ ମୂଳପାଠର ପ୍ରଥମାଂଶ

୨୦.୨.୧ ମୂଳପାଠଗତ ପ୍ରଶ୍ନ

୨୦.୨.୨ ବ୍ୟାକରଣଗତ ପ୍ରଶ୍ନ

୨୦.୩ ମୂଳପାଠର ଦ୍ୱିତୀୟାଂଶ

୨୦.୩ ୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୨୦.୩.୨ ବ୍ୟାକରଣଗତ ପ୍ରଶ୍ନ

୨୦.୪ ମୂଳପାଠର ତୃତୀୟାଂଶ

୨୦ ୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୨୦.୪.୨ ବ୍ୟାକରଣଗତ ପ୍ରଶ୍ନ

୨୦.୪.୩ ସମ୍ପୂର୍ଣ୍ଣପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୨୦.୫ ସାରାଂଶ

୨୦.୬ ଶବ୍ଦାର୍ଥ

୨୦.୭ ପଠନ ଅଭ୍ୟାସ

୨୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୨୦.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୨୦.୦ ଉଦ୍ଦେଶ୍ୟ

ମନୁଷ୍ୟର ଜ୍ଞାନରାଜ୍ୟରେ ଅର୍ଥନୀତି ଏକ ବିଶିଷ୍ଟ କ୍ଷେତ୍ର । ଏହି ବିଦ୍ୟାର ଜଣେ ବିଶିଷ୍ଟ ପ୍ରବକ୍ତା ଆଡାମ୍ ସ୍ମିଥ୍ ଏହାକୁ 'ସମ୍ପଦ ବିଜ୍ଞାନ' **(Science of Wealth)** ବୋଲି ଅଭିହିତ କରିଥିଲେ । ଜନ୍ ଷ୍ଟୁଆର୍ଟ ମିଲ୍‌ଙ୍କ ମତରେ ଅର୍ଥନୀତି ହେଉଛି ସମ୍ପଦର ଉତ୍ପାଦନ ଓ ବଣ୍ଟନ ସମ୍ପର୍କୀୟ ବ୍ୟାବହାରିକ ଜ୍ଞାନ । 'ସମ୍ପଦ ବିଜ୍ଞାନ' ସଂଜ୍ଞାର ତ୍ରୁଟି ଦର୍ଶାଇ ଆଲ୍‌ଫ୍ରେଡ୍ ମାର୍ଶାଲ୍ ଏହାକୁ 'ମନୁଷ୍ୟ ଜୀବନର ଦୈନନ୍ଦିନ ସାଧାରଣ କାର୍ଯ୍ୟାବଳୀର ଅନୁଶୀଳନ' ରୂପେ ଅଭିହିତ କରିଥିଲେ । ଏଥିରୁ ସୂଚିତ ହୁଏ ଯେ ଅର୍ଥନୀତିରେ ସୁଖସ୍ୱାଚ୍ଛନ୍ଦ୍ୟର ବୃଦ୍ଧି ନିମିତ୍ତ ଆବଶ୍ୟକ ଉପାଦାନ ସଂଗ୍ରହ ଓ ବିନିଯୋଗ ସହିତ ନିବିଡ଼ ଭାବରେ ସମ୍ପୃକ୍ତ ବ୍ୟକ୍ତିଗତ ଓ ସାମାଜିକ ଜୀବନର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରାଯାଇଥାଏ । ମାନବ କଲ୍ୟାଣରେ ଅର୍ଥନୀତିର ଯେ ଏକ ବିଶିଷ୍ଟ ଭୂମିକା ରହିଛି, ଏଥିରୁ ସୂଚନା ମିଳୁଅଛି । ଅନ୍ୟ ଭାଷାରେ କହିଲେ ଅର୍ଥନୀତି ଏକ ସାମାଜିକ ବିଜ୍ଞାନ **(Social Science)** । ଉପର୍ଯ୍ୟୁକ୍ତ ଆଲୋଚନାରୁ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ—

(୧) ଅର୍ଥନୀତି ଏକ ସମାଜ-ବିଜ୍ଞାନ

(୨) ଏହା ମାନବର ଦୈନନ୍ଦିନ ଜୀବନର ଏକ ବିଶିଷ୍ଟ ଅଂଶ ।

(୩) ଏହା ମାନବ କଲ୍ୟାଣ ଦୃଷ୍ଟିରୁ ସମ୍ପଦ ବା ଉପଦାନର ଉତ୍ପାଦନ ଓ ବିନିଯୋଗ ସହିତ ସମ୍ପୃକ୍ତ ସମସ୍ୟାମାନଙ୍କର ଅନୁଶୀଳନ ।

ଉପର୍ଯ୍ୟୁକ୍ତ ସମ୍ପଦ ବା ଉପାଦାନର ଏକ ବିଶିଷ୍ଟ ବିଭାବ ହେଉଛି ମୁଦ୍ରା । ମୁଦ୍ରା ଆବିଷ୍କାର ପଛରେ ରହିଛି ସଭ୍ୟତାର ବିଭିନ୍ନ ସୋପାନ । ସେହି ହେତୁ ମୁଦ୍ରା ସମ୍ପର୍କରେ କିଛି ଜ୍ଞାନ ଲାଭ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । 'ମୁଦ୍ରାସ୍ଫୀତି' ପ୍ରବନ୍ଧ ମୁଦ୍ରା-ସ୍ଫୀତିର ସ୍ୱରୂପ, କାରଣ, ପରିଣତି ଓ ସମାଧାନ ସମ୍ପର୍କରେ କିଛି ଜ୍ଞାନ ଦେବା ଲକ୍ଷ୍ୟରେ ଲିଖିତ ହୋଇଅଛି ।

# ୨୦.୧ ଉପକ୍ରମଣିକା

ସଭ୍ୟତାର ପ୍ରାରମ୍ଭରେ ମନୁଷ୍ୟ ଜୀବନ ଅତି ସରଳ ଓ ସାଧାରଣ ଥିଲା । ଫଳମୂଳ ଓ ବନ୍ୟଜନ୍ତୁର ମାଂସ ସଂଗ୍ରହ କରି ସେ ଜୀବିକା ନିର୍ବାହ କରୁଥିଲା । ପରେ ସେ କୃଷି-କାର୍ଯ୍ୟ ଦ୍ୱାରା ବିଭିନ୍ନ ପ୍ରକାର ଶସ୍ୟ, ଫଳ ଓ ପନିପରିବା ଉତ୍ପାଦନ କରି ଶିଖିଲା । ସଭ୍ୟତାର ବିକାଶ ହେବା ସଙ୍ଗେ ସଙ୍ଗେ ସୁଖ-ସ୍ୱାଚ୍ଛନ୍ଦ୍ୟମୟ ଜୀବନ ଯାପନ ପାଇଁ ମନୁଷ୍ୟ ଅଭିଳାଷ ପୋଷଣ କଲା ଓ ତାହାର ଆବଶ୍ୟକତାର ପରିମାଣ ଓ ପ୍ରକାର ବୃଦ୍ଧି ପାଇଲା । ଏହି ଆବଶ୍ୟକତାର ପରିପୂରଣ ପାଇଁ ତାକୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଲା । ପରସ୍ପର ନିର୍ଭରଶୀଳତାରୁ 'ଦ୍ରବ୍ୟ ବିନିମୟ' ପନ୍ଥା ଅନୁସୃତ ହେଲା । ନିଜର ଶ୍ରମ-ଉତ୍ପାଦିତ ଦ୍ରବ୍ୟ ଅନ୍ୟକୁ ଦେଇ ପ୍ରତିବଦଳରେ ଅନ୍ୟର ଶ୍ରମ-ଉତ୍ପାଦିତ ଦ୍ରବ୍ୟ ସଂଗ୍ରହ କରିପାରିବାରୁ ମନୁଷ୍ୟ ନିଜର ଆବଶ୍ୟକ ସମସ୍ତ ଦ୍ରବ୍ୟର ଉତ୍ପାଦନ ପାଇଁ ବ୍ୟସ୍ତ ନହୋଇ ଗୋଟିଏ ବା ଅତି ସୀମିତ ସଂଖ୍ୟକ ଦ୍ରବ୍ୟ ଉତ୍ପାଦନରେ ଅଧିକ ଶ୍ରମ, ବୁଦ୍ଧି ଓ ନିଷ୍ଠା ପ୍ରୟୋଗ କଲା । ଏହା ହିଁ ହେଉଛି ସମାଜର ଶ୍ରମ-ବିଭାଜନର ପ୍ରାଥମିକ ଅବସ୍ଥା ଓ ଏହି ଦ୍ରବ୍ୟ ବିନିମୟ ପ୍ରଥା ହେଉଛି ପ୍ରତ୍ୟକ୍ଷ ଦ୍ରବ୍ୟ ବିନିମୟ ପ୍ରଥା **(Barter)** । ପ୍ରତ୍ୟକ୍ଷ ଦ୍ରବ୍ୟ ବିନିମୟ ପ୍ରଥାରେ ଅନେକ ଅସୁବିଧା ପରିଲକ୍ଷିତ ହେବାରୁ ତାହାକୁ ଦୂର କରିବା ପାଇଁ କାଳକ୍ରମେ ମନୁଷ୍ୟ 'ମୁଦ୍ରା' **(Money)**ର ଉଦ୍ଭାବନ କଲା । ଦ୍ରବ୍ୟ ବିନିମୟର ମାଧ୍ୟମ, ମୂଲ୍ୟର ପରିମାପକ, ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ ତଥା ସଞ୍ଚୟର ଧାରକ ରୂପେ ବ୍ୟବହୃତ ସର୍ବଜନଗ୍ରାହ୍ୟ ଦ୍ରବ୍ୟଟି ସମ୍ପୃକ୍ତ ସମାଜର 'ମୁଦ୍ରା' ଭାବରେ ଅଭିହିତ ହେଲା ।

'ମୁଦ୍ରା'ର ପ୍ରାଥମିକ କାର୍ଯ୍ୟ ହେଲା ଦ୍ରବ୍ୟ ବିନିମୟରେ ମାଧ୍ୟମ **(Medium of Exchange)** ରୂପେ କାର୍ଯ୍ୟ କରିବା । ଦ୍ରବ୍ୟ ସହ ଦ୍ରବ୍ୟର ସିଧାସଳଖ ବିନିମୟ କରାନଯାଇ ମୁଦ୍ରା ମାଧ୍ୟମରେ ସେହି କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଉଦାହରଣ ସ୍ୱରୂପ ଚାଷୀ ନିଜ ଶସ୍ୟ ବଦଳ ଦେଇ ତନ୍ତୀଠାରୁ ଲୁଗା ପାଇପାରେ ।

ମୁଦ୍ରାର ଦ୍ୱିତୀୟ ପ୍ରଧାନ କାର୍ଯ୍ୟ ହେଲା ମୂଲ୍ୟର ପରିମାପକ **(Measure of Value)** ରୂପେ ବ୍ୟବହୃତ ହେବା । ମିଟର ସାହାଯ୍ୟରେ ଦୈର୍ଘ୍ୟ ଓ ଗ୍ରାମ ସାହାଯ୍ୟରେ ଓଜନ ପରିମାପ କଲାଭଳି ଦ୍ରବ୍ୟର ମୂଲ୍ୟ ପରିମାଣ ମୁଦ୍ରା ସାହାଯ୍ୟରେ ନିର୍ଦ୍ଧାରିତ ହୋଇଥାଏ ।

ମୁଦ୍ରାର ତୃତୀୟ କାର୍ଯ୍ୟଟି ହେଲା ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ **(Standard of deferred payment)** ରୂପେ କାର୍ଯ୍ୟ କରିବା । ଋଣଦାତା ଋଣ ଦେଇଥିବା ଟଙ୍କା ପାଇବା ପାଇଁ ମିଆଦ ପୂରିବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ଦୋକାନୀ 'ଧାର'ରେ ଜିନିଷ ବିକ୍ରୟ କଲେ ମୂଲ୍ୟ ପାଇବା ନିମିତ୍ତ ଏକ ପ୍ରତିଶ୍ରୁତ ଦିନଯାଏ ଅପେକ୍ଷା କରିଥାଏ । ଭବିଷ୍ୟତରେ ଆଦାୟଯୋଗ୍ୟ ଏ ପ୍ରକାର ପ୍ରାପ୍ୟକୁ କୁହାଯାଏ ସ୍ଥଗିତ ପ୍ରାପ୍ୟ । ପ୍ରାପ୍ୟ-ପରିଶୋଧ ସମୟରେ ତାହାଠାରୁ ଅଧିକ ମୂଲ୍ୟ ବା ଅନ୍ତତଃ ସମ-ପରିମିତ ମୂଲ୍ୟ ଫେରିପାଇବାର ଆଶା ନଥିଲେ କେହି କେବେ ଋଣ ବା ଧାର ଦେବନାହିଁ । ତେଣୁ ସ୍ଥଗିତ ପ୍ରାପ୍ୟ ଏପରି ଏକ ଦ୍ରବ୍ୟ ମାଧ୍ୟମରେ ପରିଶୋଧ କରାଯିବା ଆବଶ୍ୟକ ଯାହାର ମୂଲ୍ୟ ପ୍ରାୟ ଅପରିବର୍ତ୍ତିତ ରହୁଥିବ । ଅଭିଜ୍ଞତାରୁ ଦେଖାଯାଇଛି ଯେ ଦ୍ରବ୍ୟ ମଧ୍ୟରେ ମୁଦ୍ରାର ମୂଲ୍ୟ ଅଧିକତର ସ୍ଥାୟୀ ଓ ଅପରିବର୍ତ୍ତନୀୟ । ତେଣୁ ମୁଦ୍ରା ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ ରୂପେ ବ୍ୟବହୃତ ହୋଇଥାଏ ।

ମୁଦ୍ରାର ଚତୁର୍ଥ କାର୍ଯ୍ୟଟି ହେଲା ମୂଲ୍ୟ ସଞ୍ଚୟର ଧାରକ **(Store of Value)** ହେବା । ମୁଦ୍ରା ସର୍ବଜନଗ୍ରାହ୍ୟ । ତେଣୁ ମୂଲ୍ୟ ସଞ୍ଚୟର ଏହା ଏକ ସୁବିଧାଜନକ ଧାରକ ।

ମୁଦ୍ରା ରୂପେ ବିଭିନ୍ନ ସମୟରେ ବିଭିନ୍ନ ଦେଶରେ ସୁନା, ରୂପା, ତମ୍ବା, ଲୁହା, ବ୍ରୋଞ୍ଜ ଓ କାଗଜ ବ୍ୟବହୃତ ହୋଇଛି । ସୁନା, ରୂପା ବ୍ୟତୀତ ଅନ୍ୟସବୁ ଧାତୁ ମୁଦ୍ରା ପାଇଁ ଉପଯୁକ୍ତ ବିବେଚିତ ନ ହେବାରୁ କାଳକ୍ରମେ ମୁଦ୍ରା ରୂପେ ବ୍ୟବହୃତ ହେଲା ନାହିଁ । ମୁଦ୍ରା ରୂପେ ବ୍ୟବହୃତ ହେବା ପାଇଁ ଦ୍ରବ୍ୟର ଯେଉଁସବୁ ବିଶିଷ୍ଟ ଗୁଣ ଥିବା ଆବଶ୍ୟକ, ସୁନା, ରୂପାରେ ସେସବୁ ଗୁଣ ଥିବାରୁ ଏହି ଧାତୁ ଦ୍ୱୟ ପ୍ରାୟ ପାଞ୍ଚ ହଜାର ବର୍ଷ ଧରି ମୁଦ୍ରା ରୂପେ ବ୍ୟବହୃତ ହୋଇଆସିଛି ।

ଧାତବ ମୁଦ୍ରା ବ୍ୟବହାରରେ କେତେକ ଅସୁବିଧା ଲକ୍ଷ୍ୟ କରାଗଲା, ଯଥା—ଚୋରି ହୋଇଯିବାର ଅଧିକ ଆଶଙ୍କା, ଦୂରବର୍ତ୍ତୀ ସ୍ଥାନକୁ ବହନ କରିନେବା ଓ ଗଚ୍ଛିତ କରି ରଖିବା । ମୁଦ୍ରା କାଳକ୍ରମେ ମାଲିକାନାର ପ୍ରମାଣପତ୍ର **(Certificate)** ବିନିମୟର ମାଧ୍ୟମ ରୂପେ କାର୍ଯ୍ୟ କଲା । ତେଣୁ କାଗଜ ମୁଦ୍ରା ଆବିଷ୍କୃତ ହେଲା । ନୋଟ୍ ପ୍ରଚଳନକାରୀ (ସରକାର)ଙ୍କ ଉପରେ ଜନସାଧାରଣଙ୍କର ବିଶ୍ୱାସ ଥିବାରୁ ସେମାନଙ୍କ ଦ୍ୱାରା କାଗଜ ନୋଟ୍ ମୁଦ୍ରାରୂପେ ଗ୍ରହଣୀୟ ହୋଇ ଆସୁଅଛି ।

କ୍ରମଶଃ ମନୁଷ୍ୟର ଆର୍ଥନୀତିକ ଜୀବନ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଜଟିଳ ହୋଇପଡୁଛି । ତାର ଆବଶ୍ୟକତାର ସଂଖ୍ୟା ଓ ପ୍ରକୃତି ବହୁଗୁଣରେ ବଢ଼ିଯାଇଛି । ପରିବର୍ତ୍ତିତ ପରିସ୍ଥିତିରେ ମୁଦ୍ରାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି । ମୁଦ୍ରା ନଥିଲେ ଆଜିର ଉନ୍ନତ ଆର୍ଥନୀତିକ ଜୀବନ ସମ୍ଭବ ହେଉନଥାନ୍ତା କି କ୍ରମଶଃ ସୃଷ୍ଟିଲାଭ କରୁଥିବା ଆର୍ଥନୀତିକ ସମସ୍ୟାର ସମାଧାନ ମଧ୍ୟ ହୋଇପାରି ନଥାନ୍ତା ।

ଆପଣମାନେ ଜ୍ଞାନ ବିଜ୍ଞାନର ଯେଉଁସବୁ ଶାଖା ସମ୍ପର୍କରେ କିଛି ଜାଣିବା ଆବଶ୍ୟକ ତନ୍ମଧ୍ୟରେ ଅର୍ଥନୀତି ହେଉଛି ଏକ ବିଶିଷ୍ଟ ଶାଖା ଏବଂ ମୁଦ୍ରା ହେଉଛି ଏହି ଶାଖାର ଏକ ବିଶିଷ୍ଟ ଦିଗ ।

'ମୁଦ୍ରାସ୍ଫୀତି' ହେଉଛି ଏକ ଆର୍ଥନୀତିକ ପ୍ରବନ୍ଧ । 'ମୁଦ୍ରାସ୍ଫୀତି' କହିଲେ କ'ଣ ବୁଝାଏ, କେଉଁ କାରଣରୁ ଏହାର ସୃଷ୍ଟି ହୋଇଥାଏ, ଏହା ରାଷ୍ଟ୍ରରେ କିଭଳି ଏକ ଜଟିଳ ସମସ୍ୟା ସୃଷ୍ଟି କରେ, ଏହାର ସମାଧାନ କେଉଁ ପନ୍ଥାରେ ସମ୍ଭବ, ସେହିସବୁ ବିଷୟ 'ମୁଦ୍ରାସ୍ଫୀତି' ପ୍ରବନ୍ଧରେ ଆଲୋଚିତ ହୋଇଛି । ମୁଦ୍ରାସ୍ଫୀତି ପରି ଅର୍ଥଶାସ୍ତ୍ରର ଏକ ଜଟିଳ ବିଷୟବସ୍ତୁକୁ ପ୍ରାବନ୍ଧିକ ସରଳ ଭାଷାରେ ଓ ଶୃଙ୍ଖଳିତ ଭାବରେ ଉପସ୍ଥାପିତ କରିଛନ୍ତି । ଏଥିରେ ତାଙ୍କର ମୌଳିକ ଚିନ୍ତା ଓ ସୂକ୍ଷ୍ମ ଦୃଷ୍ଟିଭଙ୍ଗୀର ପରିଚୟ ମିଳିଥାଏ ।

**ଲେଖକ ପରିଚୟ**—'ମୁଦ୍ରାସ୍ଫୀତି' ପ୍ରବନ୍ଧର ଲେଖକ ହେଉଛନ୍ତି ପ୍ରଫେସର ଡ଼କ୍ଟର ବୈଦ୍ୟନାଥ ମିଶ୍ର । ୧୯୨୪ ମସିହାରେ ପୁରୀ ଜିଲ୍ଲା ନୟାଗଡ଼ ସବ୍‌ଡ଼ିଭିଜନସ୍ଥ ଦିବ୍ୟସିଂହପୁର ଗ୍ରାମରେ ତାଙ୍କର ଜନ୍ମ । ଓଡ଼ିଶାର ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବରେ ପ୍ରଫେସର ମିଶ୍ର ସୁପରିଚିତ । ମାଟ୍ରିକ୍ୟୁଲେସନଠାରୁ ଏମ୍.ଏ. ପର୍ଯ୍ୟନ୍ତ ପ୍ରତି ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଓ ଅର୍ଥନୀତି ଅନର୍ସ ଏବଂ ଏମ୍.ଏ. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୧୯୪୯ ମସିହାରେ ସେ ଅର୍ଥନୀତି ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ୧୯୬୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଫେସର ପଦକୁ ଉନ୍ନୀତ ହୋଇଥିଲେ । ୧୯୬୯ରେ ସେ ଏହି ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନର ଡିନ୍ ଭାବରେ, ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଭାବରେ ଓ ୧୯୮୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଯୋଗ ଦେଇଥିଲେ । ୧୯୮୫ ଠାରୁ ସେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଓ ସେଣ୍ଟର ଫର୍ ଡ଼େଭଲପମେଣ୍ଟ ଷ୍ଟଡ଼ିଜର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି । ଏହା ବ୍ୟତୀତ ସେ ଭାରତ ସରକାରଙ୍କ ଯୋଜନା କମିଶନର ଅର୍ଥନୀତିଜ୍ଞ ପ୍ୟାନେଲର ସଦସ୍ୟ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ରିଭ୍ୟୁ କମିଟିର ସଦସ୍ୟ, ଭାରତୀୟ ଜୀବନବୀମା ନିଗମର ପୂର୍ବମଣ୍ଡଳର ମଣ୍ଡଳୀୟ ଉପଦେଷ୍ଟା ପରିଷଦର ସଦସ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି । ସେ ଅର୍ଥନୀତି-ଭିତ୍ତିକ ଓ ରାଜନୀତିକ ପାଞ୍ଚଗୋଟି ଇଂରାଜୀ ବହି ଓ ଦଶଗୋଟି ଓଡ଼ିଆ ବହିର ରଚୟିତା । ତାଙ୍କର ଇଂରାଜୀ ବହିଗୁଡ଼ିକ ହେଲା—

1. **Fiscal Policy in the Context of Planning.**
2. **Capitalism, Socialism, Planning.**
3. **Economics of Public Finance.**
4. **Intermediate Economics-Vol-I**
5. **Intermediate Economics-Vol-II**

ଓଡ଼ିଆ ଗ୍ରନ୍ଥଗୁଡ଼ିକ ହେଉଛି—

୧. ପୁଞ୍ଜିବାଦ, ସାମ୍ୟବାଦ ଓ ଗାନ୍ଧୀବାଦ

୨. ଭାରତ ସମ୍ବିଧାନ

୩. ବିଦେଶ ଯାତ୍ରା

୪. ଆର୍ଥନୀତିକ ଯୋଜନା

୫. ଶାସନ ଓ ସଂସ୍କାର

୬. ସମାଜ ଓ ସଭ୍ୟତା

୭. ଭାରତର ଆର୍ଥନୀତିକ ସମସ୍ୟା

୮. ସମାଜବାଦ ଓ ଗଣତନ୍ତ୍ର

୯. ସାମାଜିକ ମୂଲ୍ୟବୋଧ

୧୦. ରାଜନୀତିର ସୁଖଦୁଃଖ

ସେ ଇଂରାଜୀ ଓ ଓଡ଼ିଆ ସମ୍ବାଦପତ୍ର ଏବଂ ପତ୍ରିକାରେ ନିୟମିତ ଭାବରେ ପ୍ରବନ୍ଧ ପ୍ରକାଶ କରିଥାନ୍ତି । 'ମୁଦ୍ରାସ୍ଫୀତି' ହେଉଛି ତାଙ୍କର ଏକ ଯୁଗୋପଯୋଗୀ ପ୍ରବନ୍ଧ । ଭାରତବର୍ଷରେ ବିଭିନ୍ନ ସମୟରେ 'ମୁଦ୍ରାସ୍ଫୀତି' ଏପରି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଯେ, ସରକାର ତାହାକୁ ସମ୍ଭାଳିବା କଷ୍ଟକର ହୋଇଥାଏ । ଏହି ସମସ୍ୟାକୁ ଆଖି ଆଗରେ ରଖି ଲେଖକ 'ମୁଦ୍ରାସ୍ଫୀତି' ପ୍ରବନ୍ଧରେ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ କିପରି 'ମୁଦ୍ରାସ୍ଫୀତି' ଘଟିଥିଲା ତାହାର ଦୃଷ୍ଟାନ୍ତ ସହ ମୁଦ୍ରାସ୍ଫୀତିର କାରଣ, କୁଫଳ ଓ ନିରାକରଣ ପନ୍ଥା ଉପରେ ଆଲୋକପାତ କରିଛନ୍ତି ।

ମୁଦ୍ରାସ୍ଫୀତି ପରି ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥନୀତିକ ବିଷୟରେ ଆପଣମାନଙ୍କୁ ସଚେତନ କରାଇବା ହେଉଛି ଏହି ପାଠର ଉଦ୍ଦେଶ୍ୟ ।

## ୨୦.୨ ମୂଳପାଠର ପ୍ରଥମାଂଶ

### ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତିକୁ ସାଧାରଣ ଅର୍ଥରେ ଦରଦାମ ବୃଦ୍ଧି ବୋଲି ଧରାଯାଏ । କିନ୍ତୁ ପ୍ରକୃତରେ ଆର୍ଥନୀତିକ ଭାଷାରେ ଦରଦାମ ବୃଦ୍ଧିକୁ ମୁଦ୍ରାସ୍ଫୀତି ବୋଲି କୁହାଯିବ ନାହିଁ । କାରଣ ଅନେକ ସମୟରେ କୌଣସି ଗୋଟିଏ ଜିନିଷର ଚାହିଦା ବୃଦ୍ଧି ହେଲେ, ସେହି ଜିନିଷର ଦର ବଜାରରେ ବୃଦ୍ଧି ହୋଇଥାଏ । ପରେ ହୁଏତ ସେହି ଜିନିଷର ଉତ୍ପାଦନ ବୃଦ୍ଧିହୁଏ ଏବଂ ଦରଦାମ ପୁଣି ପୂର୍ବ ଅବସ୍ଥାକୁ ଫେରିଆସେ । ଏହି ସାମୟିକ ଦରବୃଦ୍ଧି ଖାଉଟି ଲୋକମାନଙ୍କ ପକ୍ଷରେ ଅସୁବିଧାର କାରଣ ହେଲେ ମଧ୍ୟ ଆର୍ଥନୀତିକ ଅବ୍ୟବସ୍ଥାକୁ ସଜାଡ଼ିବା ପାଇଁ ପ୍ରଧାନ ଏକ ଆବଶ୍ୟକ ପନ୍ଥା । ଅନ୍ୟ କେତେକଙ୍କ ମତରେ ଗୋଟିଏ କି ଯୋଡ଼ିଏ ଜିନିଷର ଦରଦାମ ବୃଦ୍ଧିକୁ ମୁଦ୍ରାସ୍ଫୀତି ବୋଲି ନ କହିଲେ ମଧ୍ୟ ଯେତେବେଳେ ବଜାରରେ ସବୁ ଜିନିଷର ଦରବୃଦ୍ଧି ହୁଏ, ସେତେବେଳେ ମୁଦ୍ରାସ୍ଫୀତି ଅଛି ବୋଲି ଧରିବାକୁ ପଡ଼ିବ । ଠିକ୍ ଆର୍ଥନୀତିକ ଭାଷାରେ ବ୍ୟାଖ୍ୟା କଲେ ଏହାକୁ ମଧ୍ୟ ମୁଦ୍ରାସ୍ଫୀତି ବୋଲି କୁହାଯିବ ନାହିଁ । କାରଣ ମୁଦ୍ରାସ୍ଫୀତି ସହିତ ଦରବୃଦ୍ଧି ଓତପ୍ରୋତ ଭାବରେ ଜଡ଼ିତ ରହିଥିଲେ ମଧ୍ୟ ଯେଉଁ ଦରବୃଦ୍ଧିକୁ ଆଗରୁ କଳନା କରିହେବ, ତାକୁ ମୁଦ୍ରାସ୍ଫୀତି କୁହାଯାଇ ପାରିବ ନାହିଁ । ଜିନିଷପତ୍ରର ଦରଦାମ କେତେ ବୃଦ୍ଧି ହେବ, ତାହା ଯଦି ଆଗରୁ ଜାଣିହେବ, ତା' ହେଲେ ସରକାର ଓ ବ୍ୟବସାୟୀମାନେ ଉପଯୁକ୍ତ ପନ୍ଥା ନିର୍ଦ୍ଧାରଣ କରି ଦରଦାମକୁ ରୋକିବା ପାଇଁ ଉପଯୁକ୍ତ ପନ୍ଥା ବାହାର କରିପାରିବେ । ତେଣୁ ଯେଉଁ ଦରଦାମ ଅପ୍ରତ୍ୟାଶିତ ଭାବରେ ବୃଦ୍ଧିହୁଏ, ଅର୍ଥନୀତିର ଭାଷାରେ ତାକୁ ସାଧାରଣତଃ ମୁଦ୍ରାସ୍ଫୀତି ବୋଲି କହନ୍ତି ।

ମୁଦ୍ରାସ୍ଫୀତିର ଆଉ ଏକ ଦିଗ ଅଛି, ଯାହାକୁ କି ଅତି-ମୁଦ୍ରାସ୍ଫୀତି **(Hyper-inflation)** ବୋଲି କହନ୍ତି । ଅତି-ମୁଦ୍ରାସ୍ଫୀତିରେ ଦରଦାମ ଏତେ ବେଗରେ ବଢ଼େ ଯେ ମୁଦ୍ରାର ବିନିମୟ ମୂଲ୍ୟ ସହଜରେ ନିରୂପଣ କରିହୁଏ ନାହିଁ । ଉଦାହରଣ ସ୍ୱରୂପ, ୧୯୨୧ ମେଠାରୁ ୧୯୨୩ ଅକ୍ଟୋବର ଭିତରେ ଜର୍ମାନୀରେ ଜିନିଷପତ୍ରର ଦରଦାମ ୧୩୩୦ କୋଟିଗୁଣ ବୃଦ୍ଧିପ୍ରାପ୍ତ ହୋଇଥିଲା । ଏହା ଫଳରେ ମୁଦ୍ରାର ବିନିମୟ ହାର ଏତେ କମିଗଲା ଯେ, ଦୁଇ ଆଉନ୍ସ ଚକୋଲେଟ୍ ୩୩ କୋଟି ପାଉଣ୍ଡରେ ବିକ୍ରି ହେଲା । ସେହିପରି ହଙ୍ଗେରୀରେ ଦ୍ୱିତୀୟ ମହାଯୁଦ୍ଧ ପରେ ମୁଦ୍ରାର ବିନିମୟ ହାର ଏତେ କମିଗଲା ଯେ ଜିନିଷପତ୍ରର ଦରଦାମ ୧୦୦,୦୦୦,୦୦୦,୦୦୦,୦୦୦,୦୦୦ ଗୁଣ ବଢ଼ିଲା । ଏହି ପ୍ରକାର ଦରଦାମ ବୃଦ୍ଧିକୁ 'ଅତି-ମୁଦ୍ରାସ୍ଫୀତି' କହନ୍ତି ଏବଂ ଯେଉଁ ଦେଶରେ ଏହିପ୍ରକାର ଅତି-ମୁଦ୍ରାସ୍ଫୀତି ହୁଏ, ସେ ଦେଶରେ ବିପ୍ଳବ ଅବଶ୍ୟମ୍ଭାବୀ । ଜର୍ମାନୀରେ ହିଟଲର କ୍ଷମତାକୁ ଆସିବାର ପ୍ରଧାନ ଏକକାରଣ, ଏହି ଅତି-ମୁଦ୍ରାସ୍ଫୀତି । ସେହିପରି ଚାଇନା ଓ ହଙ୍ଗେରୀ ପ୍ରଭୃତି ଦେଶମାନଙ୍କରେ ଅତି-ମୁଦ୍ରାସ୍ଫୀତିର ସୁବିଧା ନେଇ କମ୍ୟୁନିଷ୍ଟମାନେ କ୍ଷମତାକୁ ଆସିପାରିଛନ୍ତି । ଅତି-ମୁଦ୍ରାସ୍ଫୀତି ଏକ ବିଶେଷ ଘଟଣା ଓ ଆର୍ଥନୀତିକ ବିପର୍ଯ୍ୟୟ । ତେଣୁ ଆମେ ଏଠାରେ ଏହି ଅତି-ମୁଦ୍ରାସ୍ଫୀତିର କାରଣ ଓ ସମାଧାନ ଆଲୋଚନା କରି ମୁଦ୍ରାସ୍ଫୀତିର କାରଣ ଓ ସମାଧାନ ବିଶ୍ଳେଷଣ କରିବୁ ।

ମୁଦ୍ରାସ୍ଫୀତିର ଆଉ ମଧ୍ୟ ଏକ ପର୍ଯ୍ୟାୟ ଅଛି ଯାହାକୁ କି ଲୁପ୍ତ-ମୁଦ୍ରାସ୍ଫୀତି **(Repressed inflation)** ବୋଲି କୁହାଯାଇପାରେ । ଏହାର ଅର୍ଥ, ଆର୍ଥନୀତିକ କ୍ଷେତ୍ରରେ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇଁ ସମସ୍ତ ପ୍ରକାର ଘଟଣା ମହଜୁଦ୍ ଥିଲେ ମଧ୍ୟ ସରକାରୀ ନିୟନ୍ତ୍ରଣ ଯୋଗୁଁ ଦରଦାମ ବୃଦ୍ଧି ହୋଇପାରୁନାହିଁ । ଅର୍ଥାତ୍ ସରକାର କଣ୍ଟ୍ରୋଲ ଜାରି କରି କ୍ରମବର୍ଦ୍ଧନଶୀଳ ଦରଦାମ ଓ ମଜୁରିକୁ ନିୟନ୍ତ୍ରଣ କରି ମୁଦ୍ରାସ୍ଫୀତିକୁ ରୋକିବାକୁ ଚେଷ୍ଟା କରୁଛନ୍ତି । ମୁଦ୍ରାସ୍ଫୀତି ପରି ଲୁପ୍ତ-ମୁଦ୍ରାସ୍ଫୀତିରେ ଦରଦାମ ବୃଦ୍ଧି ନହେଲେ ମଧ୍ୟ ଉଭୟରେ ମୁଦ୍ରାର ମହତ୍ତ୍ୱ କମିଯାଏ । ପ୍ରଥମ ପ୍ରକାର ମୁଦ୍ରାସ୍ଫୀତିରେ

ମୁଦ୍ରାର ବିନିମୟ ମୂଲ୍ୟ କମେ ଓ ଦ୍ୱିତୀୟ ପ୍ରକାର ମୁଦ୍ରାସ୍ଫୀତିରେ ମୁଦ୍ରା ଥାଇ ମଧ୍ୟ ଲୋକେ ଜିନିଷ କିଣିବାକୁ ପାଆନ୍ତି ନାହିଁ—କାରଣ, ସରକାର ଦର ଓ ବଣ୍ଟନ ପ୍ରକ୍ରିୟାରେ ନିୟନ୍ତ୍ରଣ ଜାରି କରି ଖାଉଟି ଲୋକମାନେ କେଉଁ ଜିନିଷ କେତେ ଓ କେଉଁ ଦରରେ କିଣିବେ, ତାହା ନିର୍ଦ୍ଧାରିତ କରନ୍ତି । ତେବେ ଏକଥା ସତ ଯେ, ଲୁପ୍ତ ମୁଦ୍ରାସ୍ଫୀତିଠାରୁ ମୁକ୍ତ ମୁଦ୍ରାସ୍ଫୀତି ଅଧିକ ବିପଜ୍ଜନକ । ତେଣୁ ଅର୍ଥନୀତି କ୍ଷେତ୍ରରେ ଯେତେବେଳେ ମୁଦ୍ରାସ୍ଫୀତିର ସମ୍ଭାବନା ଅଛି, ସେତେବେଳେ ଲୁପ୍ତ ମୁଦ୍ରାସ୍ଫୀତିକୁ ବାଛିନେବା ହିଁ ଶ୍ରେୟସ୍କର ।

### ୨୦.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧. ମୁଦ୍ରାସ୍ଫୀତିର ଅର୍ଥ କ'ଣ ?

୨. ଗୋଟିଏ କି ଦୁଇଟି ଜିନିଷର ଦରଦାମ ବୃଦ୍ଧିକୁ ମୁଦ୍ରାସ୍ଫୀତି ବୋଲି ନ କହିଲେ ମଧ୍ୟ ଯେତେବେଳେ ବଜାରରେ ସବୁ ଜିନିଷର ଦର ବୃଦ୍ଧି ହୁଏ ସେତେବେଳେ ମୁଦ୍ରାସ୍ଫୀତି ଅଛି ବୋଲି ଧରିବାକୁ ପଡ଼ିବ କି ?

୩. ଯେଉଁ ଦର ବୃଦ୍ଧିକୁ ଆଗରୁ କଳ୍ପନା କରିହେବ ତାକୁ ମୁଦ୍ରାସ୍ଫୀତି କୁହାଯାଇ ପାରିବ କି ?

୪. ଅତି-ମୁଦ୍ରାସ୍ଫୀତି କହିଲେ କ'ଣ ବୁଝାଏ ?

୫. ୧୯୨୧ ମେ' ଠାରୁ ୧୯୨୩ ଅକ୍ଟୋବର ମଧ୍ୟରେ ଜର୍ମାନୀରେ ଜିନିଷପତ୍ରର ଦରଦାମ କେତେଗୁଣ ବୃଦ୍ଧି ପାଇଥିଲା ?

୬. ହଙ୍ଗେରୀରେ କେଉଁ ପରିସ୍ଥିତିରେ ଅତି-ମୁଦ୍ରାସ୍ଫୀତି ଦେଖା ଦେଇଥିଲା ?

୭. ଯେଉଁ ଦେଶରେ ଅତି-ମୁଦ୍ରାସ୍ଫୀତି ଘଟେ ସେ ଦେଶର ଅବସ୍ଥା କ'ଣ ହୁଏ ?

୮. କେଉଁ ପରିସ୍ଥିତିର ସୁବିଧା ନେଇ ଚୀନ ଓ ହଙ୍ଗେରୀରେ କମ୍ୟୁନିଷ୍ଟମାନେ କ୍ଷମତାକୁ ଆସିପାରିଥିଲେ ?

୯. ଲୁପ୍ତ-ମୁଦ୍ରାସ୍ଫୀତି କହିଲେ କ'ଣ ବୁଝାଏ ?

୧୦. ଲୁପ୍ତ-ମୁଦ୍ରାସ୍ଫୀତିରେ ଦରଦାମ ବୃଦ୍ଧି ଘଟେ କି ନାହିଁ ?

୧୧. ଲୁପ୍ତ-ମୁଦ୍ରାସ୍ଫୀତି ଓ ମୁକ୍ତ-ମୁଦ୍ରାସ୍ଫୀତି ମଧ୍ୟରୁ କିଏ ଅଧିକ ବିପଜ୍ଜନକ ?

### ୨୦.୨.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦରେ ବନାନ ଅଶୁଦ୍ଧ ଥିଲେ ସଂଶୋଧନ କରନ୍ତୁ—

ଆର୍ଥନିତୀକ, ଜିନିସ, ଓତଃପ୍ରୋତଃ, ବିକ୍ରୀ, ମହଯୁଦ୍, ଜାରୀ, ମଜୁରୀ, ମହତ୍ୱ, ପ୍ରକ୍ରୀୟା, ବିପଜନକ, ଶ୍ରେୟଷ୍କର ।

୨. 'ଧରାଯାଏ' ଏହି ମିଶ୍ର-କ୍ରିୟାରେ ଦୁଇଟି ଧାତୁ ରହିଛି । ଯଥା—'ଧର', 'ଯା' ସେହିପରି ନିମ୍ନଲିଖିତ ମିଶ୍ର-କ୍ରିୟାଗୁଡ଼ିକରେ କେଉଁ କେଉଁ ଧାତୁ ରହିଛି ଚିହ୍ନାଇ ଦିଅନ୍ତୁ—

କୁହାଯିବ, ହୋଇଥାଏ, ଫେରିଆସେ, କରିହେବ, ଜାଣିହେବ, କରିପାରିବେ, କମିଗଲା, ଆସିପାରିଛନ୍ତି ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖନ୍ତୁ—

ଦରକାରୀ, ବିନିମୟ, ଅବଶ୍ୟମ୍ଭାବୀ, ନିରୂପଣ, ଜିନିଷ ।

୪. ଏକପଦରେ ପ୍ରକାଶ କରନ୍ତୁ—

ଅର୍ଥନୀତି ସମ୍ପର୍କୀୟ, ବ୍ୟବସାୟ କରେ ଯେ, ଯାହା ପ୍ରତ୍ୟାଶା କରାଯାଇ ନଥାଏ, ଅବଶ୍ୟ ସମ୍ଭବ ହୁଏ ଯାହା ।

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ବୃଦ୍ଧି, ଉତ୍ପାଦନ, ବ୍ୟବସ୍ଥା, ଆବଶ୍ୟକ, ଉପଯୁକ୍ତ ।

## ୨୦.୩ ମୂଳପାଠର ଦ୍ୱିତୀୟାଂଶ

ମୁଦ୍ରାସ୍ଫୀତିର ଅର୍ଥ କଅଣ ଏ ବିଷୟରେ ଯେତେ ମତଭେଦ ନାହିଁ, ମୁଦ୍ରାସ୍ଫୀତି କାହିଁକି ହୁଏ, ସେ ବିଷୟରେ ବହୁତ ଅର୍ଥନୀତିକ ତର୍କ-ବିତର୍କ ଅଛି । ସାଧାରଣତଃ ଲୋକମାନେ ଭାବନ୍ତି ଯେ,

ଦେଶରେ ଅଧିକ ମୁଦ୍ରା ପ୍ରଚଳନ ହେଲେ ଜିନିଷପତ୍ରର ଦରଦାମ ବୃଦ୍ଧି ହୁଏ ଏବଂ ଏହି ଦରଦାମ ଯେତେବେଳେ କ୍ଷିପ୍ର ଗତିରେ ଆଗେଇ ଚାଲେ, ସେତେବେଳେ ମୁଦ୍ରାସ୍ଫୀତି ହୁଏ । ଅନେକ ବିଶିଷ୍ଟ ଅର୍ଥନୀତିଜ୍ଞ ମଧ୍ୟ ଏହି ମୁଦ୍ରାକୁ କେନ୍ଦ୍ରକରି ମୁଦ୍ରାସ୍ଫୀତିର ଆଲୋଚନା କରିଛନ୍ତି ଏବଂ ଏହି ମୁଦ୍ରାରୁ ମଧ୍ୟ ମୁଦ୍ରାସ୍ଫୀତିର ଜନ୍ମ ହୋଇଅଛି । ଯେତେବେଳେ ମୁଦ୍ରା ଓ ଜିନିଷପତ୍ର ଭିତରେ ପ୍ରତିଯୋଗିତା ଚାଲେ ଏବଂ ମୁଦ୍ରା ଅନୁପାତରେ ଜିନିଷପତ୍ର ମିଳେ ନାହିଁ, ସେତେବେଳେ ଜିନିଷପତ୍ରର ଦରଦାମ ବୃଦ୍ଧି ହୁଏ । ମୁଦ୍ରାସ୍ଫୀତିର ଆରମ୍ଭରୁ ୧୯୩୦ ମସିହା ପର୍ଯ୍ୟନ୍ତ ଏହି ବ୍ୟାଖ୍ୟା ହିଁ ଅର୍ଥନୀତିଜ୍ଞମାନଙ୍କ ଭିତରେ ପ୍ରଚଳନ ଥିଲା । ସେଥିପାଇଁ ୧୯୨୯-୩୦ରେ ଆମେରିକାରେ ଯେତେବେଳେ ଆର୍ଥନୀତିକ ସଙ୍କଟ ସୃଷ୍ଟି ହୋଇ ଦରଦାମ ଖସିବାରେ ଲାଗିଲା, ସେତେବେଳେ ସରକାର ପକ୍ଷରୁ ମୁଦ୍ରା ବୃଦ୍ଧିକରି ଦରଦାମ ବଢ଼ାଇବାକୁ ଉଦ୍ୟମ କରାଗଲା । କିନ୍ତୁ ମୁଦ୍ରା ଯେତେ ବୃଦ୍ଧିକଲେ ବି ଦରଦାମ ବଢ଼ିଲା ନାହିଁ । କାରଣ ଅଧିକ ମୁଦ୍ରାସିନା ସରକାର ଚଳାଇଲେ, କିନ୍ତୁ ଯେଉଁମାନେ ମୁଦ୍ରା ପାଇଲେ ସେମାନେ ତାକୁ ଖର୍ଚ୍ଚ ନକରି ନିଜ ପାଖରେ ସାଇତି ରଖିଲେ । ଅର୍ଥନୀତିଜ୍ଞମାନେ ଏଥିରେ ବିଚଳିତ ହୋଇ ମୁଦ୍ରାସ୍ଫୀତିର ନୂଆନୀତି ଅନ୍ୱେଷଣ କରିବାରେ ଲାଗିଲେ । ସମସ୍ତେ ଏ ପର୍ଯ୍ୟନ୍ତ ଭାବୁଥିଲେ ଯେ ମୁଦ୍ରାର ପ୍ରଧାନକାମ ଜିନିଷପତ୍ର କିଣିବା ଓ ତାହାର ଦରଦାମ ଠିକ୍ କରିବା । କିନ୍ତୁ ମଣିଷ ମନରେ ଯେ ମୁଦ୍ରା ଜମା କରି ରଖିବାର **(hoarding)** ଏକ ପ୍ରବୃତ୍ତି ଅଛି ଏବଂ ଏଥିପାଇଁ ଯେ ମୁଦ୍ରା ଏକ ପ୍ରଧାନ ସମ୍ବଳ, ତାହା କେହି ଭାବି ନଥିଲେ । ୧୯୩୦ ମସିହାରେ ଏହି ସନ୍ଦେହ ସମ୍ପୂର୍ଣ୍ଣ ରୂପରେ ଦୂର ହେବାରୁ ମୁଦ୍ରାସ୍ଫୀତି ପାଇଁ ଅନ୍ୟାନ୍ୟ କାରଣ ଖୋଜାଗଲା । ମୁଦ୍ରା ବୃଦ୍ଧି ସତ୍ତ୍ୱେ ଦରଦାମ ବୃଦ୍ଧି ନ ହେବା ଯୋଗୁଁ ମୁଦ୍ରାସ୍ଫୀତି ପରିବର୍ତ୍ତେ ଇନ୍‌ଫ୍ଲେସନ୍ **(Inflation)**କୁ ଏବେ ମୂଲ୍ୟ-ସ୍ଫୀତି ବୋଲି କୁହାଯାଉଛି । କିନ୍ତୁ ଅର୍ଥଶାସ୍ତ୍ରରେ ବହୁ-ଦିନରୁ ଇନ୍‌ଫ୍ଲେସନ୍‌କୁ ମୁଦ୍ରାସ୍ଫୀତି ବୋଲି କୁହାଯାଉଥିବାରୁ, ଆମେ ସେହି ଶବ୍ଦ ପ୍ରୟୋଗ କରିଛୁ ।

ମୁଦ୍ରାସ୍ଫୀତିର କାରଣ ଅନୁସନ୍ଧାନ କରିବା ପାଇଁ ଯେତେ ଆଲୋଚନା ହୋଇଛି, ତାର ବିସ୍ତୃତ ଆଲୋଚନା ଏଠାରେ ସମ୍ଭବ ନୁହେଁ । କିନ୍ତୁ ଏହି ଆଲୋଚନା ଭିତରେ କେନ୍‌ସଙ୍କର ଅନୁଶୀଳନ ଉଲ୍ଲେଖଯୋଗ୍ୟ । ଅଧିକାଂଶ ଅର୍ଥନୀତିଜ୍ଞ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ ମୁଦ୍ରା-ସ୍ଫୀତିର ପ୍ରଧାନ କାରଣ ଚାହିଦା ବୃଦ୍ଧି । ଯଦି କୌଣସି କାରଣରୁ ଚାହିଦା ବୃଦ୍ଧି ହୁଏ ଏବଂ ସେଇ ଅନୁପାତରେ ଜିନିଷପତ୍ରର ଯୋଗାଣ ସମ୍ଭବ ହୁଏ ନାହିଁ ତାହାହେଲେ ଦରବୃଦ୍ଧିର ଆରମ୍ଭ ହୁଏ । ଏହି ଚାହିଦା ବୃଦ୍ଧିକୁ ମୁଦ୍ରାସ୍ଫୀତିର ପ୍ରଧାନ କାରଣ ଧରିନେଲେ, ମୁକ୍ତ ଓ ଲୁପ୍ତ ମୁଦ୍ରାସ୍ଫୀତିର ବିଶ୍ଳେଷଣ କରିବା କିଛି କଷ୍ଟ ହେବ ନାହିଁ । କାରଣ ଉଭୟ କ୍ଷେତ୍ରରେ ଚାହିଦାର ବୃଦ୍ଧି ହୁଏ । କିନ୍ତୁ ଗୋଟିକରେ ଚାହିଦାର ବୃଦ୍ଧି ଦରଦାମ ବୃଦ୍ଧିକରେ ଓ ଅନ୍ୟଟିରେ ଦରଦାମ ବୃଦ୍ଧି ପାଇଁ ସମସ୍ତ ପ୍ରକାର ସୁଯୋଗ ଥିଲେ ମଧ୍ୟ ସରକାର ନିୟନ୍ତ୍ରଣ ଜାରିକରି ଦରଦାମକୁ ରୋକିଥାନ୍ତି । ଯଦି ଚାହିଦା ବୃଦ୍ଧିକୁ ମୁଦ୍ରାସ୍ଫୀତିର ପ୍ରଧାନ କାରଣ ବୋଲି ଧରାଯାଏ, ତାହାହେଲେ ଚାହିଦା କାହିଁକି ବୃଦ୍ଧି ହୁଏ ତାହା ବି ଆଲୋଚନା କରିବା ଉଚିତ୍ ।

ଦ୍ୱିତୀୟ ମହାଯୁଦ୍ଧ କଥା ଦେଖାଯାଉ । ଦ୍ୱିତୀୟ ମହାଯୁଦ୍ଧ ସମୟରେ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରି ଯୁଦ୍ଧସାମଗ୍ରୀ ତିଆରି କରିବାକୁ ଲାଗିଲେ । ଏହା ଫଳରେ ଅନେକ କର୍ମସଂସ୍ଥାନ ସୃଷ୍ଟିହେଲା । ଯେଉଁମାନେ ଆଗରୁ ବେକାର ହୋଇ ବୁଲୁଥିଲେ ସେମାନେ କାମପାଇ ମଜୁରି ପାଇଲେ । ଏହି ମଜୁରି ଯୋଗୁଁ ସେମାନଙ୍କର କ୍ରୟଶକ୍ତି ବଢ଼ିଲା । ତେଣୁ ସେମାନେ ବଜାରରେ ଭିନ୍ନ ଭିନ୍ନ ଜିନିଷ ଖୋଜି-ବୁଲିଲେ । କିନ୍ତୁ ଅର୍ଥନୀତି ଯୁଦ୍ଧ ପାଇଁ ଜିନିଷ ପ୍ରସ୍ତୁତ କରୁଥିବାରୁ ଯଥେଷ୍ଟ ଖାଉଟି ଜିନିଷ ଉତ୍ପାଦନ କରିବାକୁ କ୍ଷମ ହୋଇପାରିଲା ନାହିଁ । ଏଣେ ଲୋକଙ୍କର ଚାହିଦା ବଢ଼ିଲା ଓ ତେଣେ ଖାଉଟି ଜିନିଷର ଅଭାବ ପଡ଼ିଲା, ଫଳରେ ମୁଦ୍ରାସ୍ଫୀତିର ଆରମ୍ଭ ହେଲା । ଯେଉଁ ଦେଶରେ ସରକାରୀକଳ ଟାଣୁଆ ଥିଲା, ସେଠାରେ କଣ୍ଟ୍ରୋଲ ଜାରିକରାଗଲା । କିନ୍ତୁ ଯେଉଁଠି ସରକାରୀ ନିୟନ୍ତ୍ରଣ ଫଳରେ ସଫଳ ଭାବରେ ପ୍ରୟୋଗ କରାଯାଇପାରିଲା ନାହିଁ, ସେଠି କଳାବଜାର ତେଜି ଉଠିଲା ।

କେନ୍‌ସଙ୍କ ସିଦ୍ଧାନ୍ତକୁ ଅନେକ ଅର୍ଥଶାସ୍ତ୍ରୀ ପସନ୍ଦ କରୁଥିଲେ ମଧ୍ୟ ଏହା ମୁଦ୍ରାସ୍ଫୀତିର ଏକମାତ୍ର କାରଣ ବୋଲି କୁହାଯାଇ ପାରିବ ନାହିଁ । ଭାରତ କଥା ଦେଖାଯାଉ । ଏଠାରେ ଯେଉଁ ମୁଦ୍ରାସ୍ଫୀତି ବା ମୂଲ୍ୟସ୍ଫୀତି ହେଉଛି, ସେଥିପାଇଁ ପ୍ରଧାନତଃ ଦୁଇଟି କାରଣ ଅଛି । ପ୍ରଥମ କାରଣ ହେଉଛି ଚାହିଦା ବୃଦ୍ଧି । ସରକାର ଯୋଜନା କରି ଅଜସ୍ର ଅର୍ଥ ଖର୍ଚ୍ଚ କରୁଛନ୍ତି । ଏହା ଫଳରେ ଅନେକ ଶିଳ୍ପ ଓ ବ୍ୟବସାୟ ବୃଦ୍ଧି ହେଉଛି । ନୂଆ ନୂଆ ବିଭାଗ ଖୋଲୁଛି । ଯୋଜନା ଓ ଅନ୍ୟ ଯୋଜନା ଖର୍ଚ୍ଚ ବଢ଼ୁଛି । ଏହିସବୁ ଖର୍ଚ୍ଚ ଯୋଗୁ ଅଧିକ କର୍ମସଂସ୍ଥାନ ସୃଷ୍ଟି ହେଉଛି, ଲୋକଙ୍କର ଆୟ ବଢ଼ୁଛି; ତେଣୁ ଚାହିଦା ବୃଦ୍ଧି ହେଉଛି, କିନ୍ତୁ ଯେଉଁ ଅନୁପାତରେ ଚାହିଦା ବୃଦ୍ଧି ହେଉଛି, ସେହି ଅନୁପାତରେ ଖାଉଟି ଜିନିଷ ଉତ୍ପନ୍ନ ହେଉନାହିଁ । ତେଣୁ ମୁଦ୍ରାସ୍ଫୀତି ହେଉଛି । ଏହାକୁ ଚାହିଦା ମୁଦ୍ରାସ୍ଫୀତି **(Demand Inflation)** ବୋଲି କୁହାଯାଉଛି ।

ଏହା ବ୍ୟତୀତ ଅନ୍ୟ ଏକ କାରଣ ମଧ୍ୟ ଅଛି । ଯେତେବେଳେ ଆର୍ଥନୀତିକ ପ୍ରଗତି ହେଉଛି, ସେତେବେଳେ ଆର୍ଥନୀତିକ ପ୍ରଗତି ପାଇଁ ଯେଉଁ ସବୁ ଉପାଦାନ ଦରକାର, ତାର ଦରଦାମ ବୃଦ୍ଧି

ହେଉଛି । ଉଦାହରଣ ସ୍ୱରୂପ ଅଧିକ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ କୋଇଲା ଦରକାର । କୋଇଲାର ଚାହିଦା ଯେତେବେଳେ ବୃଦ୍ଧି ପାଉଛି, ସେତେବେଳେ କୋଇଲାର ଦର ଅଧିକ ହେଉଛି । ତେଣୁ ଉତ୍ପାଦନ ଖର୍ଚ୍ଚ ବଢୁଛି । ଏହା ଫଳରେ ଦରଦାମ ବୃଦ୍ଧି ହେଉଛି । ସେହିପରି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ମଜୁରିଆମାନଙ୍କ ଚାହିଦା ବୃଦ୍ଧି ହେଉଛି, ସେତେବେଳେ ମଜୁରିଆଙ୍କର ମଜୁରି ବଢୁଛି । ଏହା ଫଳରେ ମଧ୍ୟ ଉତ୍ପାଦନ ଖର୍ଚ୍ଚ ବଢୁଛି । ଉତ୍ପାଦନ ଖର୍ଚ୍ଚ ଅଧିକ ହେବା ଯୋଗୁଁ ମୁଦ୍ରାସ୍ଫୀତି ହେଉଛି । ଏହାକୁ ପରିବ୍ୟୟ ବୃଦ୍ଧି ମୁଦ୍ରାସ୍ଫୀତି **(Cost push inflation)** ବୋଲି କୁହାଯାଉଛି । ଏଇ ଦୁଇଟି କାରଣ ବ୍ୟତୀତ ମୁଦ୍ରାସ୍ଫୀତି ପାଇଁ ଅନ୍ୟାନ୍ୟ ଅନେକ କାରଣ ମଧ୍ୟ ଅଛି । କିନ୍ତୁ ଆମେ ଏହି ଦୁଇଟି ପ୍ରଧାନ କାରଣର କିଛି ସୂଚନା ଦେଇଛୁ ମାତ୍ର । ଆର୍ଥନୀତିକ ଅବସ୍ଥା ଯେତିକି ଜଟିଳ ହେଉଛି, ମୁଦ୍ରାସ୍ଫୀତିର କାରଣ ସେତିକି ଜଟିଳ ହେଉଛି । ତେବେ ମୋଟାମୋଟି ଚାହିଦା ବୃଦ୍ଧି ଓ ପରିବ୍ୟୟ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ସୃଷ୍ଟି ହେଉଛି ବୋଲି କହିଲେ ବେଶିକିଛି ଭୁଲ ହେବ ନାହିଁ ।

### ୨୦.୩.୧ ମୂଳପାଠର ଦ୍ୱିତୀୟଭାଗ ଉପରେ ପ୍ରଶ୍ନାବଳୀ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

୧. ୧୯୩୦ ମସିହା ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ସମ୍ପର୍କରେ କେଉଁ ବ୍ୟାଖ୍ୟା ପ୍ରଚଳିତ ଥିଲା ?

୨. ମୁଦ୍ରାସ୍ଫୀତି ସମ୍ପର୍କରେ କେନ୍‌ସଙ୍କ ମତ କ'ଣ ?

୩. ଭାରତରେ ମୁଦ୍ରାସ୍ଫୀତିର କାରଣ ପାଠରୁ ନିଜ ଭାଷାରେ ବୁଝାଇ ଲେଖନ୍ତୁ ।

### ୨୦.୩.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ପ୍ରତ୍ୟୟ ଚିହ୍ନାଇ ଦିଅନ୍ତୁ—
ପ୍ରତିଯୋଗିତା, ଶକ୍ତି, ଆର୍ଥନୀତିକ, ସ୍ୱଳ୍ପତା, ସୃଷ୍ଟି ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ଉପସର୍ଗ ବ୍ୟବହୃତ ହୋଇଛି ଲେଖନ୍ତୁ—
ପ୍ରଗତି, ବିତର୍କ, ସମ୍ପୂର୍ଣ୍ଣ, ଅନୁସନ୍ଧାନ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ସୁଯୋଗ, ବୃଦ୍ଧି, ସମ୍ଭବ, ଅଭାବ, ଆରମ୍ଭ ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରନ୍ତୁ—
ଯଥେଷ୍ଟ, ଅଧିକାଂଶ, ଅନ୍ୟାନ୍ୟ ।

## ୨୦.୪ ମୂଳପାଠର ତୃତୀୟାଂଶ

ମୁଦ୍ରାସ୍ଫୀତିର କାରଣ ନେଇ ତର୍କ-ବିତର୍କ ହୋଇପାରେ । କିନ୍ତୁ କୁଫଳ ନେଇ ନୁହେଁ । ମୁଦ୍ରାସ୍ଫୀତିର କୁଫଳ ପ୍ରାୟ ସମସ୍ତଙ୍କୁ ଅଳ୍ପବହୁତ ମାଲୁମ୍ । ଯେଉଁମାନେ କି ଅର୍ଥନୀତିର ଧାର ଧାରନ୍ତି ନାହିଁ, ସେମାନେ ମଧ୍ୟ ମୁଦ୍ରାସ୍ଫୀତିର କୁଫଳ ବିଷୟରେ ସଚେତନ । ତେଣୁ କିପରି ଏହି ମୁଦ୍ରାସ୍ଫୀତିକୁ ରୋକିବାକୁ ହେବ, ସେ ବିଷୟରେ ସମସ୍ତେ ଚିନ୍ତିତ । ଯେଉଁମାନେ ଆମର ବ୍ୟାଖ୍ୟାକୁ ଗ୍ରହଣ କରୁଛନ୍ତି, ସେମାନେ ନିଶ୍ଚୟ କହିବେ ଯେ ମୁଦ୍ରାସ୍ଫୀତି ରୋକିବା ପାଇଁ ଚାହିଦା ଓ ପରିବ୍ୟୟ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ଦରକାର । ଚାହିଦା ନିୟନ୍ତ୍ରଣ କରିବା ଅର୍ଥ ଖର୍ଚ୍ଚ କମାଇବା— ସରକାରୀ ଓ ବେସରକାରୀ ଖର୍ଚ୍ଚ । କିନ୍ତୁ ଆମ ଦେଶରେ ଯେତେବେଳେ ଯୋଜନା ହେଉଛି, ସେତେବେଳେ ଯୋଜନା ଖର୍ଚ୍ଚ ତ କମାଇବା ଉଚିତ୍ ହେବ ନାହିଁ । ଯୋଜନା ଖର୍ଚ୍ଚ କମାଇବା ଅର୍ଥ ଆର୍ଥନୀତିକ ପ୍ରଗତିକୁ ରୋକିବା । କିନ୍ତୁ ସରକାର ଯେ ଖାଲି ଯୋଜନା ଖର୍ଚ୍ଚ କରୁଛନ୍ତି, ତା'ନୁହେଁ, ସରକାରୀ ଖର୍ଚ୍ଚରେ ମଧ୍ୟ ଅନେକ ଅଦରକାରୀ ଖର୍ଚ୍ଚ ଅଛି । ଏହିସବୁ ଅଦରକାରୀ ଖର୍ଚ୍ଚକୁ ରୋକିବା ପାଇଁ ପ୍ରଥମେ ଉଦ୍ୟମ ହେବା ନିତାନ୍ତ ବିଧେୟ । ଏପରିକି ଯୋଜନା ଖର୍ଚ୍ଚରେ ଯେଉଁସବୁ ଅଦରକାରୀ ଖର୍ଚ୍ଚ ଅଛି, ତାକୁ ମଧ୍ୟ ରୋକିବାକୁ ହେବ । ଦ୍ୱିତୀୟରେ, ବେସରକାରୀ ଖର୍ଚ୍ଚ ମଧ୍ୟ ନିୟନ୍ତ୍ରିତ ହେବା ଉଚିତ । ଏଥିପାଇଁ ଦୁଇଟି ପନ୍ଥା ଅବଲମ୍ବନ କରାଯାଇପାରେ । ପ୍ରଥମ ହେଉଛି ସଞ୍ଚୟ-ବୃଦ୍ଧି । ଏଥିପାଇଁ ଉପଯୁକ୍ତ ସଙ୍ଗଠନ ସୃଷ୍ଟି ହୋଇପାରିଲେ, ସଞ୍ଚୟର ମାତ୍ରାବୃଦ୍ଧି ହେବାରେ ହୁଏତ ବେଶି କିଛି ଅସୁବିଧା ହେବନାହିଁ । ଦରକାର ପଡ଼ିଲେ, ହୁଏତ ବାଧ୍ୟତାମୂଳକ ସଞ୍ଚୟ ପନ୍ଥା ଗ୍ରହଣ କରାଯାଇପାରେ ।

ଅନ୍ୟପନ୍ଥାଟି କରବୃଦ୍ଧି । କରବୃଦ୍ଧିକୁ କେହି ପସନ୍ଦ କରିବେ ନାହିଁ । କିନ୍ତୁ ମୁଦ୍ରାସ୍ଫୀତି

ରୋକିବା ପାଇଁ କରବୃଦ୍ଧି ଏକ ପ୍ରକୃଷ୍ଟ ପନ୍ଥା । କାରଣ, ଏହା ଫଳରେ ଖାଉଟି ଲୋକମାନଙ୍କର ଚାହିଦା ସହଜରେ ନିୟନ୍ତ୍ରଣ କରାଯାଇପାରିବ ଓ ଯୋଜନା ପାଇଁ ଯଥେଷ୍ଟ ଆୟ ସଂଗ୍ରହ କରାଯାଇପାରିବ । ତେବେ କରବୃଦ୍ଧି କରି ସରକାର ଯଦି ଅର୍ଥର ଅପବ୍ୟୟ କରନ୍ତି, ତାହାହେଲେ କରବୃଦ୍ଧିର ଉଦ୍ଦେଶ୍ୟ ସାଧିତ ହେବନାହିଁ—ବରଂ ମୁଦ୍ରାସ୍ଫୀତି ବଢ଼ିବ ।

ଦ୍ୱିତୀୟରେ ମୁଦ୍ରାସ୍ଫୀତି ରୋକିବା ପାଇଁ ଉତ୍ପାଦନ ପ୍ରଣାଳୀର ଦକ୍ଷତା ବୃଦ୍ଧି ମଧ୍ୟ କରିବାକୁ ପଡ଼ିବ । ଉତ୍ପାଦନ ପ୍ରକ୍ରିୟାରେ ଯେଉଁସବୁ ପୁଞ୍ଜି ବିନିଯୋଗ ହେଉଛି, ତାହା ଯଦି ଠିକ୍‌ରକମ ବ୍ୟବହୃତ ନହୁଏ, ଯନ୍ତ୍ରପାତି ଅକାମୀ ହୋଇ ପଡ଼ିରହେ, ମଜୁରିଆମାନେ ନିଜ କାମରେ ଢିଲା କରନ୍ତି ଓ ଅର୍ଥର ଅପଚୟ ହୁଏ । ତାହାହେଲେ ପରିବ୍ୟୟ ଖର୍ଚ୍ଚ ବୃଦ୍ଧି ହୁଏ ଓ ମୁଦ୍ରାସ୍ଫୀତି ରୋକିବା ସହଜ ହୁଏ ନାହିଁ । ତେଣୁ ଚାହିଦା ନିୟନ୍ତ୍ରଣ ଓ ଆର୍ଥନୀତିକ ସଂସ୍ଥାର ଉପଯୁକ୍ତ ବିନିଯୋଗ ମୁଦ୍ରାସ୍ଫୀତି ରୋକିବା ପାଇଁ ପ୍ରଧାନ ଅବଲମ୍ବନ ବୋଲି କୁହାଯାଇପାରେ ।

ପରିଶେଷରେ ମୁଦ୍ରାସ୍ଫୀତି ରୋକିବା ପାଇଁ ପ୍ରକୃଷ୍ଟ ପନ୍ଥା ହେଉଛି ଉତ୍ପାଦନ ବୃଦ୍ଧି । ଅନ୍ତତଃ ଜନସାଧାରଣମାନଙ୍କର ଚଳ-ପ୍ରଚଳ ପାଇଁ ଯେଉଁ ଜିନିଷଗୁଡ଼ିକ ଅତି ଆବଶ୍ୟକ, ସେଗୁଡ଼ିକର ଉତ୍ପାଦନ ବୃଦ୍ଧି ନହେଲେ ମୁଦ୍ରାସ୍ଫୀତି ସହଜରେ ରୋକିହେବ ନାହିଁ । ବିଶେଷକରି ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରର ଅର୍ଥନୀତିରେ, ଯେଉଁଠାରେ ଜନସାଧାରଣଙ୍କର ଆୟର ଅଧିକାଂଶ ଭାଗ ଦରକାରୀ ଖାଦ୍ୟଶସ୍ୟରେ ଖର୍ଚ୍ଚ ହେଉଛି, ସେଠାରେ ଅତ୍ୟାବଶ୍ୟକ ଜିନିଷର ଉତ୍ପାଦନ ବୃଦ୍ଧି ଓ ତାହାର ସୁଷମ ବଣ୍ଟନ ଦରଦାମ ନିୟନ୍ତ୍ରଣ ପାଇଁ ଏକ ସ୍ୱାଭାବିକ ପନ୍ଥା ।

### ୨୦.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧. ମୁଦ୍ରାସ୍ଫୀତି ରୋକିବା ପାଇଁ କେଉଁ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ଦରକାର ?
୨. ଚାହିଦା ନିୟନ୍ତ୍ରଣ କରିବାର ଅର୍ଥ କ'ଣ ?
୩. ଯୋଜନା ଖର୍ଚ୍ଚ କମାଇଦେଲେ ଦେଶର କି କ୍ଷତି ଘଟିବ ?
୪. ସରକାରୀ ଖର୍ଚ୍ଚ କିପରି କମାଯାଇପାରିବ ?
୫. ବେସରକାରୀ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ କେଉଁ ଦୁଇଟି ପନ୍ଥା ରହିଛି ?
୬. କେଉଁ କାର୍ଯ୍ୟ ପାଇଁ କରବୃଦ୍ଧି ଏକ ପ୍ରକୃଷ୍ଟ ପନ୍ଥା ?

### ୨୦.୪.୨ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ପର-ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—
ସ୍ୱାଭାବିକ, ନିୟନ୍ତ୍ରିତ, ସାଧିତ, ଦକ୍ଷତା, ସରକାରୀ ।

୨. ସନ୍ଧିବିଚ୍ଛେଦ କରନ୍ତୁ—
ଅଧିକାଂଶ, ବ୍ୟାଖ୍ୟା, ନିଶ୍ଚୟ, ସଞ୍ଚୟ, ସଙ୍ଗଠନ, ଉଦ୍ଦେଶ୍ୟ, ଉତ୍ପାଦନ ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ବିଗ୍ରହବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—
ମୁଦ୍ରାସ୍ଫୀତି, କୁଫଳ, ଅକାମୀ, ଅଳ୍ପବହୁତ, ଯୋଜନା ଖର୍ଚ୍ଚ, ବାଧ୍ୟତାମୂଳକ, ଯଥେଷ୍ଟ ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—
ପ୍ରକୃଷ୍ଟ, ଅପବ୍ୟୟ, ଅବଲମ୍ବନ, ବେସରକାରୀ ଉପଯୁକ୍ତ, ବିନିଯୋଗ, ପରିଶେଷ, ଉତ୍ପାଦନ, ବିକାଶ ।

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ମାଲୁମ୍, ସଚେତନ, ପ୍ରଗତି, ବିଧେୟ, ପସନ୍ଦ, ପ୍ରକୃଷ୍ଟ, ସାଧିତ, ବିନିଯୋଗ, ଢିଲା, ଅପଚୟ ।

## ୨୦.୪.୩ ସମ୍ପୂର୍ଣ୍ଣ ପାଠର ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

ତଳେ ଆପଣଙ୍କ ପ୍ରସ୍ତୁତି ପରୀକ୍ଷା କରିବା ପାଇଁ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ଆପଣ ନିଜେ ନିଜେ ପାଠରୁ ଉତ୍ତର ଖୋଜି ଲେଖନ୍ତୁ । ଆତ୍ମପରୀକ୍ଷଣ ଅନୁଶୀଳନୀ ଉତ୍ତରସବୁ ନିମ୍ନରେ ଏହି ଜଉନ

ଗୁଡ଼ିକ ଅଛି । କିନ୍ତୁ ଉତ୍ତରଗୁଡ଼ିକ ପ୍ରଥମେ ଦେଖନ୍ତୁ ନାହିଁ । ନିଜେ ଉତ୍ତର କରିସାରିଲା ପରେ ଉତ୍ତର-ସୂଚୀରୁ ଉତ୍ତର ଦେଖି ମିଳାଇ ନିଅନ୍ତୁ । ଆପଣ କେତୋଟି ପ୍ରଶ୍ନର ଠିକ୍ ଉତ୍ତର ଦେଇଛନ୍ତି, ନିଜକୁ ନିଜେ ପରୀକ୍ଷା କରନ୍ତୁ । ପ୍ରଶ୍ନଗୁଡ଼ିକ ହେଉଛି—

୧. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ପଢ଼ନ୍ତୁ । ମୂଳପାଠକୁ ଅନୁସରଣ କରି ଠିକ୍ ବାକ୍ୟ ସ୍ଥାନରେ ✓ ଚିହ୍ନ ଓ ଭୁଲ ବାକ୍ୟ ସ୍ଥାନରେ ✗ ଚିହ୍ନ ଦିଅନ୍ତୁ ।

(କ) ମୁଦ୍ରାସ୍ଫୀତିର ଏକ ପ୍ରଧାନ କାରଣ ହେଉଛି ଚାହିଦା ହ୍ରାସ ।

(ଖ) ଦ୍ୱିତୀୟ ମହାଯୁଦ୍ଧ ସମୟରେ ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରି ଖାଦ୍ୟସାମଗ୍ରୀ ଉତ୍ପାଦନ କରିବାକୁ ଲାଗିଲେ ।

(ଗ) ଉତ୍ପାଦନ ଖର୍ଚ୍ଚ ଅଧିକ ହେବା ହେତୁ ମୁଦ୍ରାସ୍ଫୀତି ହେଉଛି ।

(ଘ) ଚାହିଦା ବୃଦ୍ଧି ଓ ପରିବ୍ୟୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ସୃଷ୍ଟି ହେଉଛି ବୋଲି କହିଲେ ଭୁଲ୍ ହେବ ।

(ଙ) ମୁଦ୍ରାସ୍ଫୀତି ରୋକିବା ପାଇଁ କର ବୃଦ୍ଧି ଏକ ପ୍ରକୃଷ୍ଟ ପନ୍ଥା ।

୨. ନିମ୍ନଲିଖିତ ସମସ୍ତ ପଦର ବ୍ୟାସବାକ୍ୟ ଲେଖି ସମାସର ନାମୋଲ୍ଲେଖ କରନ୍ତୁ ।

ଅର୍ଥନୀତିଜ୍ଞ, ସଞ୍ଚୟ ବୃଦ୍ଧି, ଅନ୍ୟାନ୍ୟ, ମହାଯୁଦ୍ଧ, କ୍ରୟ ଶକ୍ତି ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ଉପସର୍ଗଗୁଡ଼ିକୁ ସୂଚାଇ ଦିଅନ୍ତୁ ।

ଉପଯୁକ୍ତ, ପ୍ରତ୍ୟାଶିତ, ନିରୂପଣ, ବିପ୍ଳବ, ପ୍ରଧାନ, ବିଶେଷ, ପ୍ରକାର, ବିଶିଷ୍ଟ, ବ୍ୟାଖ୍ୟା, ପର୍ଯ୍ୟନ୍ତ ।

୪. ନିମ୍ନଲିଖିତ ବିଶେଷ୍ୟ ପଦଗୁଡ଼ିକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କରନ୍ତୁ ।

କ୍ଷମତା, ନିରୂପଣ, ସମାଧାନ, ବୃଦ୍ଧି, ସ୍ଫୀତି, ଭେଦ, ଜନ୍ମ, ଉଦ୍ୟମ, ବିଚଳିତ ।

୫. ଯେପରି 'ଆଗ' ବିଶେଷଣରୁ 'ଆଗେଇବା' କ୍ରିୟା ଓ 'କମ୍' ବିଶେଷଣରୁ 'କମେଇବା' କ୍ରିୟାର ସୃଷ୍ଟି ହୋଇଛି, ସେହିପରି ନିମ୍ନଲିଖିତ ବିଶେଷଣରୁ କେଉଁ କେଉଁ କ୍ରିୟାର ସୃଷ୍ଟି ହୋଇପାରିବ ?

ଶୀତଳ, ଉଷୁମ, ତଳ, ପଛ, ପଚ୍ଛ ।

୬. ପାଠରେ ଥିବା ୫ଟି ଯୋଡ଼ିଶବ୍ଦର ଉଦାହରଣ ଦିଅନ୍ତୁ ।

## ୨୦.୫ ସାରାଂଶ

ମୁଦ୍ରାସ୍ଫୀତି କହିଲେ ଅନେକେ ଦରଦାମ ବୃଦ୍ଧି ବୋଲି ଭାବିଥାନ୍ତି, କିନ୍ତୁ ଅର୍ଥନୀତିତତ୍ତ୍ୱ ଅନୁଯାୟୀ ଦରଦାମ ବୃଦ୍ଧି ମୁଦ୍ରାସ୍ଫୀତି ନୁହେଁ । ଦରଦାମ ଯଦି ଜିନିଷର ଅକସ୍ମାତ ଦୁର୍ଲ୍ଲଭତା ହେତୁ ବଢ଼ିଯାଇ ଅଳ୍ପଦିନ ମଧ୍ୟରେ ପୁଣି ପୂର୍ବ ଅବସ୍ଥାକୁ ଫେରିଆସେ ଅଥବା କମିଯାଏ, ତେବେ ତାହାକୁ ମୁଦ୍ରାସ୍ଫୀତି କୁହାଯିବ ନାହିଁ । କେତେକଙ୍କ ମତରେ ବଜାରରେ ସବୁ ଜିନିଷର ଦରଦାମ ନବଢ଼ି ଗୋଟିଏ ଯୋଡ଼ିଏ ଜିନିଷର ଦରଦାମ ବଢ଼ିଲେ ମଧ୍ୟ ମୁଦ୍ରାସ୍ଫୀତି ଘଟିଛି ବୋଲି ଧରିବାକୁ ପଡ଼ିବ କିନ୍ତୁ, ଏହା ମଧ୍ୟ ପ୍ରକୃତ ମୁଦ୍ରାସ୍ଫୀତି ନୁହେଁ । ମୁଦ୍ରାସ୍ଫୀତି ସହିତ ଦରଦାମ ବୃଦ୍ଧି ଓତପ୍ରୋତ ଭାବେ ଜଡ଼ିତ ସତ, କିନ୍ତୁ ଯେଉଁ ଦରଦାମ ବୃଦ୍ଧି ଆଗରୁ କଳନା କରିହେବ ତାକୁ ମୁଦ୍ରାସ୍ଫୀତି କୁହାଯାଇ ପାରିବ ନାହିଁ । ଦରଦାମ କେତେ ବଢ଼ିବ ଯଦି ଆଗରୁ ଜାଣିହେବ ତେବେ ସରକାର ଓ ବ୍ୟବସାୟୀମାନେ ତାକୁ ରୋକିବା ପାଇଁ ଉପଯୁକ୍ତ ପନ୍ଥା ବାହାର କରିପାରିବେ । ଯଦି ଦରଦାମ ଅପ୍ରତ୍ୟାଶିତ ଭାବରେ ବୃଦ୍ଧି ପାଏ, ଅର୍ଥନୀତି ଭାଷାରେ ତାହାକୁ ହିଁ ସାଧାରଣତଃ ମୁଦ୍ରାସ୍ଫୀତି କହନ୍ତି । ଯଦି ଦରଦାମ ଅତି ବେଗରେ ବଢ଼ିଯାଏ ଓ ଫଳରେ ମୁଦ୍ରାର ବିନିମୟ ମୂଲ୍ୟ ସହଜରେ ନିରୂପଣ କରିହୁଏ ନାହିଁ ତେବେ ତାହାକୁ 'ଅତି ମୁଦ୍ରାସ୍ଫୀତି' ବୋଲି କୁହାଯାଏ । ଜର୍ମାନୀରେ ୧୯୨୧ ମେ ଠାରୁ ୧୯୨୩ ଅକ୍ଟୋବର ମଧ୍ୟରେ ଓ ହଙ୍ଗେରୀରେ ଦ୍ୱିତୀୟ ମହାଯୁଦ୍ଧ ପରେ ଏହିପରି ଅତି ମୁଦ୍ରାସ୍ଫୀତି ଘଟିଥିଲା ।

ମୁଦ୍ରାସ୍ଫୀତିର ଆଉ ଏକ ପର୍ଯ୍ୟାୟ ହେଉଛି 'ଲୁପ୍ତ ମୁଦ୍ରାସ୍ଫୀତି' । ଆର୍ଥନୀତିକ କ୍ଷେତ୍ରରେ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇଁ ସମସ୍ତ ପ୍ରକାର କାରଣ ଥିଲେ ଯଦି ସରକାରୀ ନିୟନ୍ତ୍ରଣ ଯୋଗୁ ତାହା ସମ୍ଭବ ହୁଏ ନାହିଁ ତେବେ ତାହାକୁ ଲୁପ୍ତ ମୁଦ୍ରାସ୍ଫୀତି କହନ୍ତି । ଅନେକଙ୍କର ଧାରଣା ଯେ ଦେଶରେ ଅଧିକ ମୁଦ୍ରା ପ୍ରଚଳିତ ହେଲେ ଦରଦାମ ବଢ଼ିଯାଏ ଓ ମୁଦ୍ରାସ୍ଫୀତି ଘଟେ । ଅନ୍ୟପକ୍ଷରେ

ଯେତେବେଳେ ଜିନିଷପତ୍ରର ଉତ୍ପାଦନ ବଢ଼ିଯାଏ ସେତେବେଳେ ଦରଦାମ କମିଯାଏ । ଏପରି କ୍ଷେତ୍ରରେ ମଧ୍ୟ ଆର୍ଥନୀତିକ ସଙ୍କଟ ଦେଖାଦିଏ ଏବଂ ସରକାର କୃତ୍ରିମ ମୁଦ୍ରାସ୍ଫୀତି ସୃଷ୍ଟି କରନ୍ତି । ୧୯୨୯-୩୦ରେ ଆମେରିକାରେ ସରକାର ଏହି ପନ୍ଥା ଗ୍ରହଣ କରିଥିଲେ । କିନ୍ତୁ ଯେଉଁମାନେ ମୁଦ୍ରା ପାଇଲେ, ସେମାନେ ଖର୍ଚ୍ଚ ନକରି ନିଜ ପାଖରେ ରଖିବାରୁ ଏହି ପନ୍ଥା ବିଫଳ ହେଲା । ଅର୍ଥନୀତିଜ୍ଞମାନେ ମୁଦ୍ରାସ୍ଫୀତିର ନୂଆ ନୀତି ଅନ୍ୱେଷଣ କଲେ ।

ଅନେକ ଅର୍ଥନୀତିଜ୍ଞ ଚାହିଦା ବୃଦ୍ଧିକୁ ମୁଦ୍ରାସ୍ଫୀତିର ପ୍ରଧାନ କାରଣ ରୂପେ ଗ୍ରହଣ କରିଛନ୍ତି । କ୍ରେତାମାନଙ୍କ ପାଖରେ ଅଧିକ ମୁଦ୍ରା ରହିଲେ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଅଭିଳାଷ ହେଲେ ସେମାନଙ୍କର ଚାହିଦା ବଢ଼େ । କର୍ମନିଯୁକ୍ତି ବଢ଼ିଲେ ମୁଦ୍ରାପ୍ରାପ୍ତିର ପରିମାଣ ବଢ଼େ, କ୍ରୟଶକ୍ତି ବଢ଼େ ଓ ଚାହିଦା ମଧ୍ୟ ବଢ଼େ । ଯଦି ଚାହିଦା ବଢ଼େ ଓ ତେଣେ ଖାଉଟି ଜିନିଷର ଅଭାବ ପଡ଼େ, ତେବେ ମୁଦ୍ରାସ୍ଫୀତି ଘଟେ । ଏପରି କ୍ଷେତ୍ରରେ ସରକାର କଣ୍ଟ୍ରୋଲ ଜାରି କରନ୍ତି ଓ ମୁଦ୍ରାସ୍ଫୀତିର କୁଫଳ ଦୂର କରିବାକୁ ଚେଷ୍ଟା କରନ୍ତି । ଯଦି ସରକାରୀ କଣ୍ଟ୍ରୋଲ ବା ନିୟନ୍ତ୍ରଣ ବିଫଳ ହୁଏ, ତେବେ କଳାବଜାର ତେଜି ଉଠେ ।

ଭାରତବର୍ଷରେ ମୁଦ୍ରାସ୍ଫୀତିର ଦୁଇଟି ମୁଖ୍ୟ କାରଣ ରହିଛି । ପ୍ରଥମ କାରଣ ହେଲା ଚାହିଦା ବୃଦ୍ଧି । ସରକାରୀ ଯୋଜନା ଫଳରେ ଅନେକ ଶିଳ୍ପ ଓ ବ୍ୟବସାୟ ମୁଣ୍ଡ ଟେକୁଛି । ଅଧିକ କର୍ମସଂସ୍ଥାନ ସୃଷ୍ଟି ହେଉଛି । ଲୋକଙ୍କର ଆୟ ବଢ଼ୁଛି । ତେଣୁ ଚାହିଦା ବଢ଼ୁଛି । ଚାହିଦାକୁ ଚାହିଁ ଖାଉଟି ଜିନିଷର ଉତ୍ପାଦନ ବଢ଼ୁନାହିଁ । ତେଣୁ 'ଚାହିଦା-ମୁଦ୍ରାସ୍ଫୀତି' **(Demand Inflation)** ଘଟୁଛି । ଦ୍ୱିତୀୟ କାରଣ ହେଉଛି ଆର୍ଥନୀତିକ ପ୍ରଗତି ପାଇଁ ଆବଶ୍ୟକ ଉପାଦାନର ଦରଦାମ ବୃଦ୍ଧି । ଉପାଦାନର ଉତ୍ପାଦନ ପାଇଁ ଖର୍ଚ୍ଚ ବଢ଼ାଇ ଦିଆଯାଉଛି । ଉତ୍ପାଦନ ପାଇଁ ନିଯୁକ୍ତ ମଜୁରିଆମାନଙ୍କର ମଜୁରି ବଢ଼ୁଛି । ଉତ୍ପାଦନ ଖର୍ଚ୍ଚ ବଢ଼ୁଛି । ତେଣୁ ମୁଦ୍ରାସ୍ଫୀତି ଘଟୁଛି । ଏହାକୁ କୁହାଯାଏ 'ପରିବ୍ୟୟ-ବୃଦ୍ଧି-ମୁଦ୍ରାସ୍ଫୀତି' **(Cost-Push-Inflation)** ।

ମୁଦ୍ରାସ୍ଫୀତି ରୋକିବା ପାଇଁ ଚାହିଦା ଓ ପରିବ୍ୟୟକୁ ନିୟନ୍ତ୍ରଣ କରିବା ଦରକାର । ଚାହିଦା ଓ ପରିବ୍ୟୟ ନିୟନ୍ତ୍ରଣ କରିବା ଅର୍ଥ ସରକାରୀ ଓ ବେସରକାରୀ ଖର୍ଚ୍ଚ କମାଇବା । ଯୋଜନା ଖର୍ଚ୍ଚ ନକମାଇ ସରକାର ଅନ୍ୟାନ୍ୟ ଅଦରକାରୀ ଖର୍ଚ୍ଚ କମାଇବା ଉଚିତ । ଏପରିକି ଯୋଜନାରେ ଯେଉଁ ଅଦରକାରୀ ଖର୍ଚ୍ଚ ହୁଏ, ତାକୁ ମଧ୍ୟ ରୋକିବା ଉଚିତ । ବେସରକାରୀ ଖର୍ଚ୍ଚର ନିୟନ୍ତ୍ରଣ ପାଇଁ ଦୁଇଟି ପନ୍ଥା ଅବଲମ୍ବନ କରାଯାଇପାରେ, ଯଥା—ସଞ୍ଚୟ ବୃଦ୍ଧି ଓ କର ବୃଦ୍ଧି । ମୁଦ୍ରାସ୍ଫୀତି ରୋକିବା ପାଇଁ ଉତ୍ପାଦନ ପ୍ରଣାଳୀର ଦକ୍ଷତା ବୃଦ୍ଧି ମାଧ୍ୟମରେ ଉତ୍ପାଦନ ବୃଦ୍ଧି କରିବାକୁ ହେବ । ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରର ଅର୍ଥନୀତିରେ ଏସବୁ ଉପାୟ ଅବଲମ୍ବନ ସଙ୍ଗେ ସଙ୍ଗେ ଉତ୍ପାଦିତ ଉପାଦାନର ସୁଷମ ବଣ୍ଟନ ଅତ୍ୟାବଶ୍ୟକ ।

## ୨୦.୬ ଶବ୍ଦାର୍ଥ

ଆର୍ଥନୀତିକ—ଅର୍ଥନୀତି ସମ୍ପର୍କୀୟ

ସାମୟିକ—ଅଳ୍ପ ସମୟ ସ୍ଥାୟୀ

ଓତପ୍ରୋତ—ନିବିଡ଼

ଜଡ଼ିତ—ସମ୍ପୃକ୍ତ

ନିର୍ଦ୍ଧାରଣ—ନିରୂପଣ

ଅପ୍ରତ୍ୟାଶିତ—ଆଶା କରାଯାଇ ନଥିବା

ବିପର୍ଯ୍ୟୟ—ଅଧୋଗତି

ବିଶ୍ଳେଷଣ—ବ୍ୟାଖ୍ୟା

ଲୁପ୍ତ—ଚପାଇ ଦିଆଯାଇଥିବା

କ୍ରମବର୍ଦ୍ଧନଶୀଳ—କ୍ରମେ କ୍ରମେ ବଢ଼ୁଥିବା

ମହତ୍ତ୍ୱ—ଗୁରୁତ୍ୱ

ପ୍ରକ୍ରିୟା—ପଦ୍ଧତି

ବିପଜ୍ଜନକ—ବିପଦ ସୃଷ୍ଟିକାରୀ

ତର୍କବିତର୍କ—ଯୁକ୍ତି ପ୍ରତିଯୁକ୍ତି

କ୍ଷିପ୍ର—ଦ୍ରୁତ

ଅନୁପାତ—ତୁଳନା

ସଙ୍କଟ—ସମସ୍ୟା

ବିଚଳିତ—ବ୍ୟସ୍ତ

ଅନ୍ୱେଷଣ—ଅନୁସନ୍ଧାନ

ଅନୁଶୀଳନ—ଅଧ୍ୟୟନ

କର୍ମସଂସ୍ଥାନ—ନିଯୁକ୍ତି ଯୋଗାଣ

ଖାଉଟି—ବ୍ୟବହାର୍ଯ୍ୟ, ଉପଭୋକ୍ତା

କଳାବଜାର—ଚଢ଼ାଦରରେ ଲୁଚ୍‌ଚୋର ବେପାର

ପରିବ୍ୟୟ—ବିଶେଷ ଖର୍ଚ୍ଚ

ସଚେତନ—ଅବହିତ

ମାଲୁମ—ଜଣା

ମାତ୍ରା—ପରିମାଣ

ବିନିଯୋଗ—ପ୍ରୟୋଗ

ପ୍ରକୃଷ୍ଟ—ଉତ୍କୃଷ୍ଟ

ବିକାଶଶୀଳ—ଉନ୍ନତି ଅଭିମୁଖୀ

ସୁଷମ—ଯଥୋଚିତ

**କେତେକ ପାରିଭାଷିକ ଶବ୍ଦ ଉପରେ ଟିପ୍ପଣୀ :—**

ଚାହିଦା—ଜଣେ ଉପଭୋକ୍ତା ଆବଶ୍ୟକ ଦାମ୍ ଦେଇ କୌଣସି ଦ୍ରବ୍ୟର ଯେତେ ପରିମାଣ କ୍ରୟ କରିପାରେ ତାହା ହିଁ ସେହି ଦ୍ରବ୍ୟ ପାଇଁ ତାହାର ଚାହିଦା । ତେଣୁ କୌଣସି ଦ୍ରବ୍ୟ ପାଇବା ଲାଗି ଆକାଂକ୍ଷାକୁ ଚାହିଦା ବୋଲି ଭାବିବା ଠିକ୍ ନୁହେଁ । ଚାହିଦା ଅର୍ଥ ବୁଝିବା ପାଇଁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଯଥା—(କ) ଦ୍ରବ୍ୟ ଲାଭ ପାଇଁ ଉପଭୋକ୍ତାର ଆଗ୍ରହ ହେବା ଆବଶ୍ୟକ । (ଖ) ଉପଭୋକ୍ତାର ଯଥେଷ୍ଟ କ୍ରୟଶକ୍ତି ଥିବା ଆବଶ୍ୟକ । କେବଳ ଇଚ୍ଛା ପୋଷଣ କଲେ ଦ୍ରବ୍ୟଟି ମିଳିଯାଏ ନାହିଁ । ଆର୍ଥିକ ଅଭାବ ଥିଲେ ଇଚ୍ଛା ପୂର୍ଣ୍ଣ ହୁଏ ନାହିଁ । ଇଚ୍ଛା ବା ଆକାଂକ୍ଷାକୁ ଦ୍ରବ୍ୟକ୍ରୟ ଓ ଉପଭୋଗରେ ରୂପାୟିତ କରିବା ପାଇଁ ଯଥେଷ୍ଟ ଅର୍ଥ ବା କ୍ରୟଶକ୍ତି ଥିବା ଆବଶ୍ୟକ । (ଗ) ଉପଭୋକ୍ତା ଅର୍ଥ ବିନିଯୋଗ କରିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ।

ଖାଉଟି—ଖାଉଟିର ଅନ୍ୟତମ ଆର୍ଥନୀତିକ ପରିଭାଷା ହେଉଛି ଉପଭୋକ୍ତା । ଏହାର ଇଂରାଜୀ ପ୍ରତିଶବ୍ଦ ହେଉଛି **Consumer** । ଆର୍ଥନୀତିକ ପରିଭାଷାରେ ଉପଭୋଗ କହିଲେ ବୁଝାଏ, ଅଭାବ ପୂରଣ ଉଦ୍ଦେଶ୍ୟରେ ବସ୍ତୁ ବା ସେବାର ଉପଯୋଗ । ଯେଉଁ ବ୍ୟକ୍ତି ବସ୍ତୁ ବା ସେବାର ଉପଯୋଗିତା ବ୍ୟବହାର କରିଥାଏ, ତାହାକୁ କୁହାଯାଏ ଉପଭୋକ୍ତା । ଜଣେ ଯେତେବେଳେ ବସ୍ତ୍ର ପରିଧାନ କରେ ସେତେବେଳେ ତାହାକୁ ବସ୍ତ୍ରର ଉପଭୋକ୍ତା ବା ଖାଉଟି ବୋଲି କୁହାଯାଏ ।

ଉତ୍ପାଦନ—ଅର୍ଥନୀତିର ପରିଭାଷା ଅନୁଯାୟୀ ଅଭାବର ପରିପୂରଣ ପାଇଁ ସହାୟକ ହେଉଥିବା ଦ୍ରବ୍ୟ ସମୂହ ପାଇବାଲାଗି ଶ୍ରମର ପ୍ରୟୋଗକୁ କୁହାଯାଏ ଉତ୍ପାଦନ । ଉଦାହରଣ ସ୍ୱରୂପ—ଖଣି ଭିତରେ ରହିଥିବା ଯାଏ କୋଇଲାର ଉପଯୋଗିତା ପ୍ରାୟ ନଥାଏ । ମନୁଷ୍ୟ ପରିଶ୍ରମ କରି ଯନ୍ତ୍ରପାତି ସାହାଯ୍ୟରେ ଏହାକୁ ଭୂପୃଷ୍ଠକୁ ଆଣେ । ଫଳରେ କୋଇଲାର ଉପଯୋଗିତା ବୃଦ୍ଧି ପାଏ । ଏହି ପ୍ରକ୍ରିୟା ହେଉଛି କୋଇଲାର ଉତ୍ପାଦନ । ତେଣୁ ଉତ୍ପାଦନର ଅର୍ଥ କୌଣସି ନୂତନ ବସ୍ତୁର ସୃଷ୍ଟିକରଣ ନୁହେଁ, ଉପଯୋଗିତା **(Utility)** ସୃଷ୍ଟି ବା ସଂଯୋଗ ପ୍ରକ୍ରିୟା ହେଉଛି ଉତ୍ପାଦନ **(Production)** କିନ୍ତୁ ମୁଦ୍ରାସ୍ଫୀତି ପ୍ରବନ୍ଧରେ ଉତ୍ପାଦନ ଶବ୍ଦଟି ଉପଯୋଗିତା ସୃଷ୍ଟି ବା ସଂଯୋଗ ପ୍ରକ୍ରିୟା ଅର୍ଥ ଛଡ଼ା ସମ୍ପଦ ବା ବସ୍ତୁ ସୃଷ୍ଟି ପ୍ରକ୍ରିୟା ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଅଛି ।

ଉପାଦାନ—ଅର୍ଥନୀତିରେ ବ୍ୟବହୃତ ଉପାଦାନ ଶବ୍ଦର ଇଂରାଜୀ ପ୍ରତିଶବ୍ଦ ହେଉଛି **factor** । ଉତ୍ପାଦନ କାର୍ଯ୍ୟ ବା ଉପଯୋଗିତା ସୃଷ୍ଟିରେ ସହାୟକ ହେଉଥିବା ଦ୍ରବ୍ୟକୁ କୁହାଯାଏ ଉତ୍ପାଦନର ଉପାଦାନ । ଉତ୍ପାଦନର ଚାରିଗୋଟି ଉପାଦାନ ରହିଛି । ଯଥା—ଭୂମି (ପ୍ରାକୃତିକ ସମ୍ପଦ),

ଶ୍ରମ, ମୂଳଧନ(ପୁଞ୍ଜି) ଓ ଉଦ୍ୟୋଗ । ତନ୍ମଧ୍ୟରୁ ପ୍ରଥମ ଦୁଇଟିକୁ କୁହାଯାଏ ମୌଳିକ ଉପାଦାନ **(Primary factors)** ଓ ଶେଷ ଦୁଇଟିକୁ କୁହାଯାଏ ଗୌଣ ଉପାଦାନ **(Secondary factors)** ।

ବଣ୍ଟନ—ସାଧାରଣ ଅର୍ଥରେ ବଣ୍ଟନ କହିଲେ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସମ୍ପଦର ବିଭକ୍ତିକରଣକୁ ବୁଝାଏ । କିନ୍ତୁ ଅର୍ଥନୀତିରେ ବଣ୍ଟନର ଅର୍ଥ ସ୍ୱତନ୍ତ୍ର । ଉତ୍ପାଦନର ଚାରିଟି ଉପାଦାନ (ଭୂମି, ଶ୍ରମ, ମୂଳଧନ ଓ ଉଦ୍ୟୋଗ) ସାହାଯ୍ୟରେ ଉତ୍ପାଦିତ ମୋଟ ଦ୍ରବ୍ୟର ବିଭକ୍ତିକରଣକୁ ବଣ୍ଟନ କୁହାଯାଏ ।

ମଜୁରି—ସାଧାରଣ ଭାଷାରେ ମଜୁରି କହିଲେ ବୁଝାଏ ଦୈନିକ କଠିନ ଶାରୀରିକ ପରିଶ୍ରମ ପାଇଁ କୁଲି-ମୂଲିଆ ଶ୍ରେଣୀର ଲୋକଙ୍କୁ ଦିଆଯାଉଥିବା ପାରିଶ୍ରମିକ । ଉଚ୍ଚପଦସ୍ଥ ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ପ୍ରଭୃତି କର୍ମଚାରୀଙ୍କ ପାରିଶ୍ରମିକକୁ ମଜୁରି **(Wages)** କୁହାନଯାଇ ବେତନ **(Salary)** କୁହାଯାଇଥାଏ । କିନ୍ତୁ ଅର୍ଥନୀତିରେ ଏପରି ପାର୍ଥକ୍ୟ ନାହିଁ । ସମସ୍ତ ପ୍ରକାର କର୍ମଚାରୀ ଓ ଶ୍ରମଜୀବୀଙ୍କର ଶାରୀରିକ ଅଥବା ମାନସିକ ପରିଶ୍ରମ ପାଇଁ ମିଳୁଥିବା ପାଉଣାକୁ କୁହାଯାଏ ମଜୁରି ।

## ୨୦.୨ ପଠନ ଅଭ୍ୟାସ

୧. ନିମ୍ନଲିଖିତ ବିଷୟ ଜାଣିବା ପାଇଁ ସମ୍ପୃକ୍ତ ଅନୁଚ୍ଛେଦଗୁଡ଼ିକ ଧ୍ୟାନର ସହିତ ପଢ଼ନ୍ତୁ ।

(କ) ମୁଦ୍ରାସ୍ଫୀତିର ସଂଜ୍ଞା ଓ ସ୍ୱରୂପ

(ଖ) ଅତିମୁଦ୍ରାସ୍ଫୀତିର ସଂଜ୍ଞା ଓ ସ୍ୱରୂପ

(ଗ) ଲୁପ୍ତମୁଦ୍ରାସ୍ଫୀତି

(ଘ) ମୁଦ୍ରାସ୍ଫୀତି ରୋକିବା ପାଇଁ ସରକାରୀ ନିୟନ୍ତ୍ରଣ

(ଙ) ମୁଦ୍ରାସ୍ଫୀତିର କାରଣ

(ଚ) ମୁଦ୍ରାସ୍ଫୀତି ରୋକିବାର ପନ୍ଥା

୨. ଲୁପ୍ତ ମୁଦ୍ରାସ୍ଫୀତି ସମ୍ପର୍କରେ ପାଠର ଯେଉଁ ଅନୁଚ୍ଛେଦରେ ଆଲୋଚନା ହୋଇଛି, ତାହାକୁ ପଢ଼ନ୍ତୁ ।

୩. ମୂଳପାଠଟିକୁ ଧ୍ୟାନର ସହିତ ପଢ଼ନ୍ତୁ ଓ ନିମ୍ନଲିଖିତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ—

(କ) ଜର୍ମାନୀରେ ଘଟିଥିବା ଅତିମୁଦ୍ରାସ୍ଫୀତି

(ଖ) ମୁଦ୍ରା ଜମା କରି ରଖିବାର ପ୍ରବୃତ୍ତି

(ଗ) ଇନ୍‌ଫ୍ଲେସନ

(ଘ) ପରିବ୍ୟୟ

୪. ନିମ୍ନଲିଖିତ ଉକ୍ତିରେ ଭୁଲ ଥିଲେ ଠିକ୍ କରି ଲେଖନ୍ତୁ । ଏଥିପାଇଁ ମୂଳପାଠକୁ ଧ୍ୟାନର ସହିତ ପଢ଼ନ୍ତୁ—

(କ) ଜର୍ମାନୀରେ ହିଟଲର କ୍ଷମତାକୁ ଆସିବାର ଏକ ପ୍ରଧାନ କାରଣ ହେଉଛି ଲୁପ୍ତ ମୁଦ୍ରାସ୍ଫୀତି ।

(ଖ) ମୁକ୍ତ ମୁଦ୍ରାସ୍ଫୀତିଠାରୁ ଲୁପ୍ତ ମୁଦ୍ରାସ୍ଫୀତି ଅଧିକ ବିପଜ୍ଜନକ ।

(ଗ) ମୁଦ୍ରାସ୍ଫୀତିର ସଂଜ୍ଞା ସମ୍ପର୍କରେ ଯେତେ ମତଭେଦ ଅଛି, ମୁଦ୍ରାସ୍ଫୀତିର କାରଣ ସମ୍ପର୍କରେ ସେତେ ମତଭେଦ ନାହିଁ ।

୫. ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) ଦରଦାମ ବୃଦ୍ଧି ଯେତେବେଳେ — ଗତିରେ ଆଗେଇଚାଲେ, ସେତେବେଳେ ମୁଦ୍ରାସ୍ଫୀତି ହୁଏ ।

(ଖ) ମଣିଷ ମନରେ — ଜମାକରି ରଖିବାର ଏକ ପ୍ରବୃତ୍ତି ଅଛି ।

(ଗ) ମୁଦ୍ରାସ୍ଫୀତି ପରିବର୍ତ୍ତେ — କୁ ଏବେ ମୂଲ୍ୟସ୍ଫୀତି ବୋଲି କୁହାଯାଉଛି ।

୬. ମୁଦ୍ରାସ୍ଫୀତି ପ୍ରବନ୍ଧରେ ବ୍ୟବହୃତ ନିମ୍ନଲିଖିତ ଆର୍ଥନୀତିକ ଶବ୍ଦଗୁଡ଼ିକ ଲେଖି ରଖନ୍ତୁ ଓ ତାର ସ୍ୱରୂପ ପାଠରୁ ପଢ଼ି ନିଜ ଭାଷାରେ ଲେଖନ୍ତୁ ।

ମୁଦ୍ରାସ୍ଫୀତି, ଦରଦାମ, ଆର୍ଥନୀତିକ, ଚାହିଦା, ଉତ୍ପାଦନ, ଖାଉଟି, ବ୍ୟବସାୟୀ, ମୁଦ୍ରାର ବିନିମୟ ମୂଲ୍ୟ, ମୁଦ୍ରାର ବିନିମୟ ହାର, ଆଉନ୍ସ, ପାଉଣ୍ଡ, ଅତି ମୁଦ୍ରାସ୍ଫୀତି, ଆର୍ଥନୀତିକ ବିପର୍ଯ୍ୟୟ, ଲୁପ୍ତ ମୁଦ୍ରାସ୍ଫୀତି, ମହଜୁଦ, କଣ୍ଟ୍ରୋଲ ଜାରି, କ୍ରମବର୍ଦ୍ଧନଶୀଳ, ମଜୁରି, ଦର ଓ ବଣ୍ଟନ ପ୍ରକ୍ରିୟା, ମୁଦ୍ରା ଓ ଜିନିଷପତ୍ର ମଧ୍ୟରେ ପ୍ରତିଯୋଗିତା, ମୁଦ୍ରା ଅନୁପାତରେ ଜିନିଷପତ୍ର, ମୁଦ୍ରା ବୃଦ୍ଧି, ଇନ୍‌ଫ୍ଲେସନ୍, କର୍ମସଂସ୍ଥାନ, କ୍ରୟ ଶକ୍ତି, କଳାବଜାର, ଅର୍ଥଶାସ୍ତ୍ରୀ, ଯୋଜନା ।

## ୨୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧. (କ) ×, (ଖ) ×, (ଗ) √, (ଘ) ×, (ଙ) √ ।

୨. ଅର୍ଥ ସମ୍ପର୍କୀୟ ନୀତି—ମଧ୍ୟପଦଲୋପୀ କର୍ମଧାରୟ

ସଞ୍ଚୟର ବୃଦ୍ଧି—ଷଷ୍ଠୀ ତତ୍‌ପୁରୁଷ

ଅନ୍ୟ ଓ ଅନ୍ୟ—ଦ୍ୱନ୍ଦ୍ୱ ସମାସ

ମହାନ୍ ଅଟେ ଯୁଦ୍ଧ—କର୍ମଧାରୟ

କ୍ରୟ ପାଇଁ ଶକ୍ତି—ଚତୁର୍ଥୀ ତତ୍‌ପୁରୁଷ

୩. ଉପସର୍ଗଗୁଡ଼ିକ ଯଥାକ୍ରମେ ଉପ, ପ୍ରତି, ନି, ବି, ପ୍ର, ବି, ବି, ପରି ।

୪. କ୍ଷମତା-କ୍ଷମ, ନିରୂପଣ-ନିରୂପିତ, ସମାଧାନ-ସମାହିତ, ବୃଦ୍ଧି-ବୃଦ୍ଧ, ସ୍ଫୀତି-ସ୍ଫୀତ, ଭେଦ-ଭିନ୍ନ, ଜନ୍ମ-ଜାତ, ଉଦ୍ୟମ-ଉଦ୍ୟତ, ବିଚଳିତ-ବିଚଳନ ।

୫. ଶୀତଳ-ଶୀତଳେଇବା, ଉଷୁମ-ଉଷୁମେଇବା, ତଳ-ତଳେଇବା, ପଛ-ପଛେଇବା, ପଚ୍ଚ-ପଚେଇବା ।

୬. ଜିନିଷପତ୍ର, ଦରଦାମ, ନୂଆ ନୂଆ, ଭିନ୍ନ ଭିନ୍ନ, ଅଳ୍ପବହୁତ ।

## ୨୦.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ପ୍ରଦାନ କରନ୍ତୁ ।

(କ) ଅର୍ଥନୀତି କହିଲେ କ'ଣ ବୁଝାଏ ?

(ଖ) ମୁଦ୍ରାର ଆବିଷ୍କାର କିପରି ହେଲା ?

(ଗ) ମାନବ ସମାଜରେ ମୁଦ୍ରା କି ଉପକାର ସାଧନ କରୁଅଛି ?

(ଘ) ମୁଦ୍ରା ରୂପେ କେଉଁ କେଉଁ ବସ୍ତୁକୁ ବ୍ୟବହାର କରଯାଉଛି ଏବଂ ଆଧୁନିକ ଯୁଗ ପାଇଁ କେଉଁ ବସ୍ତୁଟି ଅଧିକ ଶ୍ରେୟସ୍କର ?

(ଙ) ଜର୍ମାନୀରେ ହିଟଲର୍ କ୍ଷମତାକୁ ଆସିବାର ପ୍ରଧାନ କାରଣ କ'ଣ ?

୨. ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ ।

ମୁଦ୍ରାସ୍ଫୀତି, ଅତି ମୁଦ୍ରାସ୍ଫୀତି, ଲୁପ୍ତ ମୁଦ୍ରାସ୍ଫୀତି, ଉତ୍ପାଦନ, ସୁଷମ ବଣ୍ଟନ, ଚାହିଦା-ମୁଦ୍ରାସ୍ଫୀତି, ପରିବ୍ୟୟ-ବୃଦ୍ଧି-ମୁଦ୍ରାସ୍ଫୀତି ।

୩. ସନ୍ଧିବିଚ୍ଛେଦ କରନ୍ତୁ ।

ବିପଜ୍ଜନକ, ଉଲ୍ଲେଖଯୋଗ୍ୟ, ଉଦ୍ଦେଶ୍ୟ, ନିଶ୍ଚୟ, ଶ୍ରେୟସ୍କର, ପର୍ଯ୍ୟନ୍ତ, ବ୍ୟତୀତ ।

୪. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରକୃତି ପ୍ରତ୍ୟୟ ଲେଖନ୍ତୁ ।

ବିଶ୍ଳେଷଣ, ବୃଦ୍ଧି, ଉତ୍ପାଦନ, ଆର୍ଥନୀତିକ, ନିର୍ଦ୍ଧାରଣ, ନିରୂପଣ, ନିୟନ୍ତ୍ରଣ, ସମ୍ଭାବନା, କାରଣ, ପ୍ରଧାନ, କାର୍ଯ୍ୟ, ପ୍ରଗତି, ସୂଚନା, ବ୍ୟବସାୟୀ, କ୍ଷମତା, ମହତ୍ତ୍ୱ, ପ୍ରତିଯୋଗିତା ।

୫. ନିମ୍ନଲିଖିତ ଉପସର୍ଗ ଯୋଗକରି ଗୋଟିଏ ଗୋଟିଏ ଶବ୍ଦ ଗଢ଼ନ୍ତୁ ।

ପ୍ର, ପରା, ଅପ, ସମ୍, ନି, ଅଧି, ସୁ, ଉତ୍, ଅତି, ପରି, ପ୍ରତି, ଅବ, ଅନୁ, ବି, ଅଭି, ଉପ, ଆ ।

୬. ନିମ୍ନଲିଖିତ ସମସ୍ତ ପଦର ବିଗ୍ରହବାକ୍ୟ ଲେଖି ସମାସ ନିର୍ଣ୍ଣୟ କରନ୍ତୁ ।

ମୁଦ୍ରାସ୍ଫୀତି, ମାତ୍ରା ବୃଦ୍ଧି, ସଞ୍ଚୟ ପନ୍ଥା, କ୍ରମବର୍ଦ୍ଧନଶୀଳ, ବିପଜ୍ଜନକ, ତର୍କବିତର୍କ, ଅଧିକାଂଶ, ଯଥେଷ୍ଟ ।

୭. ଦଶଟି ମିଶ୍ର କ୍ରିୟାର ଉଦାହରଣ ଦେଇ ବାକ୍ୟରେ ବ୍ୟବହାର କରନ୍ତୁ ।

୮. ପାଞ୍ଚଟି କ୍ରିୟାହୀନ ରୂଢ଼ି ଓ ପାଞ୍ଚଟି କ୍ରିୟାଯୁକ୍ତ ରୂଢ଼ିର ଉଲ୍ଲେଖ କରି ବାକ୍ୟରେ ବ୍ୟବହାର କରନ୍ତୁ ।

୯. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଶବ୍ଦକୁ ଯୋଡ଼ନ୍ତୁ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଖାଉଟି | କମ୍ୟୁନିଷ୍ଟ |
| ମୁଦ୍ରା | ଶକ୍ତି |
| ଚାହିଦା | ସାମଗ୍ରୀ |
| ହଙ୍ଗେରୀ | ସ୍ୱଳ୍ପତା |
| ମୁକ୍ତ | ମୁଦ୍ରାସ୍ଫୀତି |
| କ୍ରୟ | ବିନିମୟ |
| ଯୁଦ୍ଧ | ଜିନିଷ |
| ମୂଲ୍ୟ | ବୃଦ୍ଧି |
| ସରକାରୀ | ଖର୍ଚ୍ଚ |
| ଅଦରକାରୀ | କଣ୍ଟ୍ରୋଲ |

୧୦. ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) — ଜିନିଷର — ବୃଦ୍ଧି ଓ ତାହାର — ବଣ୍ଟନ — ନିୟନ୍ତ୍ରଣ ପାଇଁ ଏକ — ପନ୍ଥା ।

(ଖ) — ନିୟନ୍ତ୍ରଣ ଓ — ସଂସ୍ଥାର ଉପଯୁକ୍ତ ବିନିଯୋଗ ମୁଦ୍ରାସ୍ଫୀତି — ପାଇଁ ପ୍ରଧାନ ଅବଲମ୍ବନ ବୋଲି କୁହାଯାଇପାରେ ।

୧୧. ନିମ୍ନଲିଖିତ ଶବ୍ଦଗୁଡ଼ିକରୁ କ୍ରିୟା ଗଠନ କରନ୍ତୁ ।

କାନ, ପିଠି, ମୁଣ୍ଡ, ବଙ୍କା, ଠିକ୍, ଭୁଲ୍, ଦାଣ୍ଡ, ଖଣ୍ଡ, ଛନ୍ଦ, ବନ୍ଧ, ଗୋଡ଼ ।